ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ଦାୟିତ୍ୱ ନେଲେ ସୁନ୍ଦରିଆ ସରପଞ୍ଚ

**ଧର୍ମଶାଳା,୧୬।୩(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ସୁନ୍ଦରିଆ ପଞ୍ଚାୟତର ନୂତନ ସରପଞ୍ଚ ନିର୍ମଳ କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ଚନ୍ଦ୍ର ପରିଡ଼ା ତାଙ୍କୁ ଶପଥ ପାଠ କରାଇଥିଲେ। ସେହିପରି ସମିତିସଭ୍ୟ ଭାବେ ନିତ୍ୟାନନ୍ଦ ବିଶ୍ୱାଳ ଏବଂ ନାଏବ ସରପଞ୍ଚ ଭାବେ ମିନି ସାମଲ ମଧ ଶପଥ ନେଇଛନ୍ତି। ସରପଞ୍ଚ ଦାସ ପଞ୍ଚାୟତର ବିକାଶ ଲାଗି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ପରାମର୍ଶ ଓ ସହଯୋଗ ଲୋଡ଼ିବେ ବୋଲି କହିଥିଲେ। ଉତ୍ସବରେ ପଞ୍ଚାୟତ ବିଜେଡି ସଭାପତି ହେମନ୍ତ କୁମାର ଜେନା, ବରିଷ୍ଠ ସଭ୍ୟ ଶରତ ଦାସ, ରଶ୍ମିରଞ୍ଜନ ପରିଡ଼ା, ଅମୂଲ୍ୟ କୁମାର ବାରିକ, ସପ୍ତସାଗର ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ନେଲେ ସରପଞ୍ଚ, ସମିତି ସଭ୍ୟା

**ଚଣ୍ଡିଖୋଲ,୧୬।୩(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତ ନବ ନିର୍ବାଚିତ ପ୍ରତିନିଧିଙ୍କ ଶପଥପାଠ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଓ ସମିତିସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ ଏବଂ ସମସ୍ତ ୱାର୍ଡ ସଭ୍ୟ ପ୍ରଥମେ ଶପଥ ଗ୍ରହଣ କରି ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ନିକଟରୁ ଆଶୀର୍ବାଦ ଭିକ୍ଷା କରିଥିଲେ, ଯାହାକି ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା। ଚଣ୍ଡିଖୋଲସ୍ଥିତ ସୁଙ୍ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶପଥ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ନାୟକ ଅଧକ୍ଷତା କରିଥିଲେ। ସଭା ପରିଚାଳନା କରିଥିଲେ ପ୍ରମୋଦ ଜେନା। ବିଭିନ୍ନ ସଂଗଠନ ପକ୍ଷରୁ ନବନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ତଥା ବଡ଼ଚଣା ପଞ୍ଚାୟତ ସମିତି ପୂର୍ବତନ ଉପାଧକ୍ଷା ସେବତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସନାତନ ନାୟକ ଧନ୍ୟବାଦ ଦେଇଥିଲେ।

### ଧରାପଡ଼ିଲେ ୪ ଲୁଟେରା

**ବାରିପଦା ଅଫିସ,୧୬।୩:** ମୟୂରଭଞ୍ଜ ଜିଲା ବାରିପଦା ଟାଉନଥାନା ପୋଲିସ ୪ ଲୁଟେରାଙ୍କୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଜଖପୁରା ଥାନା ରାବଣା ଗ୍ରାମର ତୋଫାନ ପ୍ରଧାନ, ଦାଶମାଣିଆ ଗ୍ରାମର ଆୟୁଲ ଶେଖର ଓ ଅନ୍ୟ ଦୁଇ ଜଣ ନାବାଳକ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କଠାରୁ ସୁନାଗହଣା, ମାରଣାସ୍ତ୍ର, ଡିକି ଭାଙ୍ଗିବା ଅସ୍ତ୍ର, ୧୨ହଜାର ୨ଶହ ଟଙ୍କା, ୨ଟି ବାଇକ, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଏସଡିପିଓ କେ.କେ.ହରିପ୍ରସାଦ ଓ ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ଝୁଲନ୍ତା ମୃତଦେହ ଜବତ

**ପାଟଣା,୧୬।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତର ସାନ ଜାମୁପଶି ଗ୍ରାମସ୍ଥିତ ଏକ ଗଛରୁ ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରାଜ ମୁଣ୍ଡା। ଥାନା ଏସ୍ଆଇ ଶିବଶଙ୍କର ଆଲଦା ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନି।

# ନିର୍ଣ୍ଣାୟକ ହେବେ ବସ୍ତି ଭୋଟର

**ଯାଜପୁର ଅଫିସ,୧୬।୩**

ଯାଜପୁର ଜିଲାରେ ଥିବା ଦୁଇ ମ୍ୟୁନିସିପାଲିଟି ମଧ୍ୟରୁ ବ୍ୟାସନଗର ନିର୍ବାଚନ ଉପରେ ଅନେକଙ୍କ ନଜର ରହିଛି। ଏଠାରେ ବିରୋଧୀ ଭାଜପା ଓ କଂଗ୍ରେସରେ ବହୁ ଦକ୍ଷ ନେତ୍ରୀ/ନେତା ସହ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ବିଜେଡି ପାଇଁ କଣ୍ଟା ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାସହ ବ୍ୟାସନଗର ସହରର ଲୋକସଂଖ୍ୟାକୁ ଅବଲୋକନ କଲେ ଭୋଟର ତାଲିକା ପ୍ରସ୍ତୁତିରେ ବ୍ୟାପକ ତ୍ରୁଟି ରହିଥିବା ସନ୍ଦେହ କରାଯାଉଛି। ପ୍ରମୁଖ ଦଳର ନେତୃବର୍ଗ ଝୁପୁଡି ଓ ବସ୍ତିବାସିନ୍ଦାଙ୍କ ଭୋଟ ଉପରେ ଅଧିକ ଭରସା ରଖି ନିର୍ବାଚନୀ ବୈତରଣୀ ପାର ହୋଇଯିବେ ବୋଲି ଆଶା ରଖିଛନ୍ତି। ଅନ୍ୟପକ୍ଷେ ଜିଲା ସଦର ମହକୁମା ଯାଜପୁରରେ ବିରୋଧୀ ଏବଂ ବିଦ୍ରୋହୀଙ୍କ ସ୍ୱର ସେତେଟା ଶାଣିତ ମନେ ହେଉନାହିଁ। ତେଣୁ ମ୍ୟୁନିସିପାଲିଟି ଭୋଟକୁ ନେଇ ନୀରବ ଭୋଟରମାନେ କ୍ରମେ ମୁହଁ ଖୋଲିବା ସହ ପ୍ରତିଦ୍ୱନ୍ଦ୍ୱିତାର ଚିତ୍ର ସ୍ପଷ୍ଟ ହେବାରେ ଲାଗିଛି। ଦଳୀୟ ଚିହ୍ନରେ ମତଦାନ ହେଉଥିବାରୁ ପ୍ରମୁଖ ଦଳଗୁଡ଼ିକ ଏହାକୁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାର ପ୍ରଭାବ କିଛି ନା କିଛି ୨୦୨୪ ସାଧାରଣ ନିର୍ବାଚନ ଉପରେ ପଡ଼ିବ ବୋଲି ଅନେକେ ମତ ଦେଉଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ ମହିଳା, ଗରିବ, ନିରକ୍ଷର, ଦିନ ମଜୁରିଆ ପ୍ରମୁଖଙ୍କ ମୁହଁରେ ଗୋଟିଏ କଥା ଥିଲା ନବୀନ। କିନ୍ତୁ ପ୍ରାୟ ସବୁଠି ଭାଜପା କଡା ଟକ୍କର ଦେଇଥିଲା। ଯାଜପୁର ଜିଲାରେ ଭାଜପା ପ୍ରାୟ ୪୦% ଭୋଟ ଅକ୍ତିଆର କରି ଅନ୍ୟମାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ସେହି କଥା ଏଥର ବଦଳିଯାଇଛି। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଭାଜପା ଅମାନତ ହରାଇବା ପରେ ଚଳିତ ପୌର ନିର୍ବାଚନରେ ଦଳ ତିଷ୍ଠି ପାରିବ କି ନାହିଁ ସେନେଇ ସନ୍ଦେହ ରହିଛି।

### ପୌର ନିର୍ବାଚନ



■ ବ୍ୟାସନଗରରେ ଦେଢ଼ଲକ୍ଷ ଲୋକସଂଖ୍ୟା, ୩୮ ହଜାର ଭୋଟର

ଏଥର ବ୍ୟାସନଗର ଓ ଯାଜପୁର ଅଧକ୍ଷା ପଦବୀ ପାଇଁ ଅଭିଜ୍ଞତା ହିଁ ମାପକାଠି ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ୨୬ ୱାର୍ଡ ବିଶିଷ୍ଟ ବ୍ୟାସନଗରରେ ୩୫,୩୪୮ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ପ୍ରାୟ ୮ ହଜାର ଭୋଟର ବସ୍ତିବାସିନ୍ଦା। ଯଦି ୬୦% ମତଦାନ ହେଉଛି ତେବେ ୨୧ହଜାର ଭୋଟର ଭୋଟ ଦେବେ। ଏଭଳି ସ୍ଥିତିରେ ବସ୍ତିବାସିନ୍ଦାଙ୍କ ଭୋଟ ନିର୍ଣ୍ଣାୟକ ହେବ ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ବ୍ୟାସନଗର ସହରରେ ବେସରକାରୀ ଭାବେ ଲୋକସଂଖ୍ୟା ପ୍ରାୟ ଦେଢ ଲକ୍ଷ। କିନ୍ତୁ ଭୋଟର ତାଲିକା ପ୍ରସ୍ତୁତି ଉପଯୁକ୍ତ ଭାବେ ହୋଇ ନ ଥିବାରୁ ଭୋଟର ସଂଖ୍ୟା ୩୮ ହଜାରରେ ସୀମିତ। ଏହା ଶାସକ ଦଳକୁ ସୁହାଉଛି ବୋଲି ଅଭିଯୋଗ ହେଉଛି। ପ୍ରାୟତଃ ଟଙ୍କିକିଆ ଚାଉଳ, ଭତ୍ତା, ଆବାସ ଆଦି ଯୋଜନାରେ ସାମିଲ କରି ବିଜେଡି ବସ୍ତିବାସିନ୍ଦାଙ୍କ ପ୍ରିୟଭାଜନ ହୋଇପାରିଛି। ତେଣୁ ବିରୋଧୀ ଦଳ ଯେତେ ଚେଷ୍ଟା କଲେ ବି ବସ୍ତିବାସିନ୍ଦାଙ୍କ ମତ ବଦଳାଇବା କଷ୍ଟକର ମନେହେଉଛି। ଏହିକ୍ରମରେ ପୌର ନିର୍ବାଚନରେ ବି ବିଜେଡି ପୋଛି ନେବ ବୋଲି ଚର୍ଚ୍ଚା ହେଉଛି। ତେବେ ଚଳିତ ନିର୍ବାଚନରେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଥିବାବେଳେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି କର୍ମୀମାନେ ବିଶ୍ୱାସ ରଖିଛନ୍ତି। ଏଠାରେ କଂଗ୍ରେସର ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ନେତୃତ୍ୱ ନେଉଛନ୍ତି। କଂଗ୍ରେସ ନିଜ ସ୍ଥିତି ସୁଧୁରିବ ବୋଲି ଆଶା କରୁଛି। ୨୦୧୩ ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଯାଜପୁରରେ ସମସ୍ତ ୧୮ଟି ୱାର୍ଡରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ମଧ ଯାଜପୁର ବିଧାନସଭା ଆସନରେ ବିଜେଡିର ପ୍ରଣବ ପ୍ରକାଶ ଦାସ ପ୍ରାୟ ୩୦ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଯାଜପୁର ସହରରେ ବିରୋଧୀ ପ୍ରସଙ୍ଗ ଖୋଜି ପାଉନାହାନ୍ତି। କେବଳ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ନିର୍ବାଚନ ଲଢୁଛନ୍ତି।

### ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**ଯୋଡା,୧୬।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଦେଓଝର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ନାଏକସାହିରେ ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନକ ସେଠୀ। ଅଭିଯୁକ୍ତ ସ୍ୱାମୀ ଦାଶରଥୀ ଫେରାର ଥିବା ଜଣାପଡ଼ିଛି। ସୋମବାର ରାତିରେ ଏହି ଘଟଣା ଘଟିଥିବା ବେଳେ ମଙ୍ଗଳବାର ସକାଳୁ ସ୍ୱାମୀ ଦାଶରଥୀ ଘର ପିଣ୍ଡାରେ ପଡ଼ିଥିବା ରକ୍ତ ଛିଟାକୁ ଗୋବରରେ ଲିପି ତାଙ୍କର ୩ ବର୍ଷର ଝିଅକୁ ଧରି ଘର ଛାଡ଼ି ଚାଲି ଯାଇଥିଲେ। ଦିନ ତମାମ କନକଙ୍କ ମୃତଦେହ ଘରେ ପଡ଼ିରହିଥିଲା। ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ମଙ୍ଗଳବାର ସନ୍ଧ୍ୟାରେ ସେମାନେ ତାଙ୍କ ଘରକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ଯୋଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବୁଧବାର ସକାଳୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଯୋଗ୍ୟ, ମୃତକ କନକ ପୂର୍ବରୁ ବଡ଼ବିଲର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ପରେ ଦାଶରଥୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

### ମେଳା ଦେଖି ଫେରିବା ବେଳେ ଆକ୍ରମଣ: ୩ ଗିରଫ

**ପଦ୍ମପୁର, ୧୬।୩ (ଡି.ଏନ.ଏ.)**

ମେଳା ଦେଖି ଫେରୁଥିବା ଯୁବକମାନଙ୍କୁ ପୂର୍ବଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ୩ ଜଣଙ୍କୁ ଭଦ୍ରକ ବ୍ଲକ ସାବରଙ୍ଗ ପୋଲିସ ଗିରଫ କରିଛି। ସେମାନେ ହେଲେ ବଣିଆ ଗ୍ରାମର ଦେବେନ୍ଦ୍ର ଓଝା, ଅକ୍ଷୟ ଓଝା ଓ ବୃନ୍ଦାବନ ଓଝା। ଥାନା ଭାରପ୍ରାପ୍ତ ଅଧିକାରୀ ଶୋଭେନ କୁମାର ସ୍ୱାଇଁ ଏନେଇ ମାମଲା (ନଂ.୫୬/୨୨) ରୁଜୁ କରି ୩ ଅଭିଯୁକ୍ତଙ୍କୁ ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶ ଯେ, ଗ୍ରାମର ସୁନା ସାହୁ କମଳାକାନ୍ତ ପଣ୍ଡା, କମଳାକାନ୍ତ ସାହୁ ଓ ଚିତ୍ତରଞ୍ଜନ ରାଉତଙ୍କ ସହ ମଙ୍ଗଳବାର ରାତିରେ ଗ୍ରାମରେ ଅନୁଷ୍ଠିତ ହୋଲି ମେଳଣ ଦେଖି ଫେରୁଥିଲେ। ବାଟରେ ଏହି ୩ ଅଭିଯୁକ୍ତଙ୍କ ସମେତ ୧୦ରୁ ୧୫ ଜଣ ଯୁବକ ସୁନା ଓ ତାଙ୍କ ବନ୍ଧୁମାନଙ୍କୁ ବିଲକୁ ଟେକି ନେଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନଙ୍କ ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ। ଏ ନେଇ ସୁନାଙ୍କ ବାପା ପ୍ରଦୀପ କୁମାର ସାହୁ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

## ଫ୍ଲାଏଓଭରରୁ ଖସିପଡ଼ିଲା ଟ୍ରକ୍, ୨ ଗୁରୁତର



ଫ୍ଲାଏ ଓଭରରୁ ଖସି ପଡ଼ିଥିବା ଟ୍ରକ୍।

**ଚଣ୍ଡିଖୋଲ,୧୬।୩(ଡି.ଏନ.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଏକ ଟ୍ରକ୍ ବୁଧବାର ଅପରାହ୍ନରେ ଚଣ୍ଡିଖୋଲଠାରେ ଫ୍ଲାଏ ଓଭରରୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ତେବେ ଫ୍ଲାଏ ଓଭର ତଳେ କୌଣସି ଯାତ୍ରୀ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଛି।

ମିଳିଥିବା ସୂଚନା ଅନୁସାରେ, ଟ୍ରକ୍ ନଂ.(ଓଡି-୦୪-ଏଚ୍-୬୮୫୬) ପାରାଦୀପରେ ପଣ୍ୟ ଖାଲି କରି ଦୁବୁରୀ ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ଟ୍ରକ୍‌ର ଆଗଚକା ଫାଟିଯିବାରୁ ଏହା ଜନଗହଳିପୂର୍ଣ୍ଣ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଗଳି ପଡ଼ିଥିଲା। ଟ୍ରକ୍‌ଟି କଟକ ଅଭିମୁଖେ ଯାଉଥିବା ଏକ ପିକ୍ଅପ୍ ଭ୍ୟାନ୍ (ଓଡି-୦୬-ଏଚ୍-୯୫୦୮) ସାମନାପଟେ ପଡ଼ିଯିବାରୁ ପିକ୍ଅପ୍ ଭ୍ୟାନ୍ କ୍ଷତିଗ୍ରସ୍ତ ହେବା ସହ ଏହାର ଚାଳକ ଗୁରୁତର ହୋଇଛନ୍ତି। ଟ୍ରକ୍ ଡ୍ରାଇଭର ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁର ଗ୍ରାମର ଦୀପୁ ସେଠୀ ମଧ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଯୋଗୁ ୧୬ ନଂ. ଜାତୀୟ ରାଜପଥରେ ୧ ଘଣ୍ଟା ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଚଣ୍ଡିଖୋଲ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଓ ପିକ୍ଅପ୍ ଭ୍ୟାନ୍‌କୁ ହଟାଇ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏହି ଦୁର୍ଘଟଣା ଅପରାହ୍ନରେ ହୋଇଥିବାରୁ ଓଭର ବ୍ରିଜ୍ ତଳେ ବିଶେଷ ଲୋକ ନ ଥିଲେ, ଯଦ୍ୱାରା ଏକ ବଡ଼ଧରଣର ବିପଦ ଟଳିଗଲା ବୋଲି ଲୋକେ କହିଛନ୍ତି।

## ବରୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

**ବରୀ,୧୬।୩(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ସମୟରେ ବରୀ ରାମଚନ୍ଦ୍ରପୁର ପୋଲିସ ଆଇନ ଶୃଙ୍ଖଳା ରକ୍ଷା କରିବାରେ ସମର୍ଥ ହୋଇଥିଲା। ଫଳରେ ବରୀ ବ୍ଲକରେ କାଁଭା ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁଠାରେ ଶୃଙ୍ଖଳିତ ନିର୍ବାଚନ ହୋଇଥିଲା। କିନ୍ତୁ ଗତ ୧୨ ତାରିଖ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ପରେ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଲୋକେ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ନିର୍ବାଚନୀ ହିଂସାକୁ ନେଇ ଉକ୍ତ ବ୍ଲକ ବାଲିଆସ୍ଥିତ ଏକଭେରାଇଟି ଷ୍ଟୋରକୁ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ମାତ୍ର ସେଠାରୁ ୩୦ ଫୁଟ୍ ଦୂରରେ ଥିବା ଆକ୍ସିସ୍ ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍‌ରେ ସିସିଟିଭି ଲାଗିଥିଲେ ମଧ ପୋଲିସ ଏହି ସିସିଟିଭିର ଫୁଟେଜ୍‌କୁ ଦେଖି ତଦନ୍ତ କରୁନାହିଁ। ସେହିପରି ପଞ୍ଚାୟତର ଅନ୍ୟ ଏକ ଦୋକାନକୁ ମଧ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ହେଲେ ଏହାର ବି ତଦନ୍ତ କରାଯାଇ ନାହିଁ। ସେହିପରି ବିଜେଡି ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥ ଶର୍ମାଙ୍କ ଘରକୁ ବୋମାମାଡ଼ କରାଯାଇଛି। ତେବେ ତାଙ୍କ ଘର ସମ୍ମୁଖରେ ଥିବା ସିସିଟିଭି ଫୁଟେଜ୍ ପୋଲିସ ହାତରେ ଲାଗିଥିଲେ ହେଁ ଅଦ୍ୟାବଧି ବୋମାମାଡ଼ କରିଥିବା ଦୁର୍ବୃତ୍ତଙ୍କୁ ଚିହ୍ନଟ ନ କରିବା ପୋଲିସର ପାରିବା ପଣିଆକୁ ପଦାରେ ପକାଇଛି। ପୋଲିସ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତଙ୍କୁ କାହା ସ୍ୱାର୍ଥରେ ସୁରକ୍ଷା ଯୋଗାଉଛି ବୋଲି ପ୍ରଶ୍ନଉଠିଛି। ଯଦି ପୋଲିସ ଏବେଠୁ ସଜାଗ ନ ହେବ ତେବେ ଆଗାମୀ ଦିନରେ ଥାନା ଅଞ୍ଚଳରେ ଅସାମାଜିକ କାର୍ଯକଳାପ ବଢ଼ିବା ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ଥାନା ଦାୟିତ୍ୱରେ ଥିବା ଏସ୍ଆଇ ନାରଣ ପ୍ରସାଦ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏବେ ଦେଖିବାକୁ ଅପେକ୍ଷା ପୋଲିସ କେବେ ଅଭିଯୁକ୍ତଙ୍କୁ ଗିରଫ କରୁଛି।

**ପୋଲିସ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ**

## ଟିଏସ୍ଏଫ୍ ପକ୍ଷରୁ ଅରୁଣିମାର ୬ଷ୍ଠ ସଂସ୍କରଣ ଆରମ୍ଭ

**କଳିଙ୍ଗନଗର,୧୬।୩(ଡି.ଏନ.ଏ.)**

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍, ସୁକିନ୍ଦା ପରିସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ (ଟିଏସ୍ଏଫ)ର ଦୁଇଦିନିଆ ଅରୁଣିମାର ଷଷ୍ଠ ସଂସ୍କରଣର ବୁଧବାର ଶୁଭାରମ୍ଭ ହୋଇଛି। ଟାଟା ଷ୍ଟିଲ୍‌ର ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର କାର୍ଯ୍ୟ କ୍ଷେତ୍ରର ଆଖପାଖରେ ବାସ କରୁଥିବା ଗୋଷ୍ଠୀଙ୍କୁ ଗୋଟିଏ ମଞ୍ଚ ପ୍ରଦାନ କରିବା ଲାଗି ଏହା ଏକ ବାର୍ଷିକ କାର୍ଯ୍ୟକ୍ରମ । ଅରୁଣିମାର ୩ଟି ପ୍ରମୁଖ ଉପାଦାନ-ଜ୍ୟୋତି ଫେଲୋସିପ୍, କୃଷକ ଓ ମହିଳା ଉଦ୍ୟୋଗୀମାନଙ୍କ ଲାଗି ଏକ ବୈଠକ ଏବଂ ଏକ ଯୁବ କନ୍‌କ୍ଲେଭ୍ ରହିଛି। ଏଥିରେ ମୋଟ ୧୦୨୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ପ୍ରତିଭା ପାଇଁ ମାନ୍ୟତା ପ୍ରଦାନ କରାଯାଇଛି। ଟିଏସ୍ଏଫ୍ ବ୍ରାହ୍ମଣୀପାଳ ୟୁନିଟ୍ ମୁଖ୍ୟ ଡ. ଜୟନ୍ତ ତ୍ରିପାଠୀ, ଟିଏସ୍ଏଫ୍ ସୁକିନ୍ଦା ୟୁନିଟ୍ ମୁଖ୍ୟ ଦେବଞ୍ଜନ ମୁଖାର୍ଜୀ ଓ କଳିଙ୍ଗନଗର ୟୁନିଟ୍ ମୁଖ୍ୟ ଆଲେନ୍ ଜୋସେଫ୍‌ଙ୍କ ଉପସ୍ଥିତିରେ ସିଏସ୍ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଜ୍ୟୋତି ଫେଲୋସିପ୍ ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୩୦୧ ଜଣ କଳିଙ୍ଗନଗରର, ୩୯୦ ଜଣ ବ୍ରାହ୍ମଣୀପାଳ ଓ ୩୩୫ ଜଣ ସୁକିନ୍ଦାର। ଚଳିତ ବର୍ଷ ମୋଟ ୫୭.୪୯ ଲକ୍ଷ ଟଙ୍କାର ରାଶି ଆବଣ୍ଟନ କରାଯାଇଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ ପରିବେଶ ବ୍ୟବସ୍ଥାରେ ଜଳର ଗୁରୁତ୍ୱର ଆବଶ୍ୟକତାର ଦୃଢ଼ ଅନୁଭବ ବିଷୟବସ୍ତୁ ଉପରେ ପର୍ଯ୍ୟବେଶିତ ହୋଇଥିଲା।





ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

## ଇଣ୍ଡିପେଣ୍ଡେନ୍ସ କପ୍: ସୁଙ୍ଗୁଡ଼ା ଚାମ୍ପିୟନ

**ରସୁଲପୁର,୧୬।୩(ଡି.ଏନ.ଏ.)**

ରସୁଲପୁର ପଞ୍ଚାୟତ ଖୋସାଲପୁର ଗ୍ରାମ ଖେଳପଡ଼ିଆରେ ଆୟୋଜିତ ଇଣ୍ଡିପେଣ୍ଡେନ୍ସ କପ୍-୨୦୨୨ର ଫାଇନାଲ ମ୍ୟାଚ ସୁଙ୍ଗୁଡ଼ା ଓ ଘରୋଇ ଖୋସାଲପୁର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଙ୍ଗୁଡ଼ା କ୍ରିକେଟ ଦଳ ଘରୋଇ ଖୋସାଲପୁର ଦଳକୁ ୬ ଉଇକେଟରେ ପରାସ୍ତ କରି ଚଳତବର୍ଷର ଚାମ୍ପିୟନ ହୋଇଛି। ଘରୋଇ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୦ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟସ୍ ମ୍ୟାନ ସ୍ମୃତିରଞ୍ଜନ ସାହୁ ୫୪ ବଲ ଖେଳି ୧୧୧ ରନ ଓ ରାକେଶ ସାହୁ ୩୨ବଲ ଖେଳି ୫୬ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷେ ବୋଲର ସୁଶାନ୍ତ ସାହାଣୀ, ଅଫ୍ରୋଜ ହୁସେନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସୁଙ୍ଗୁଡ଼ା ଦଳ ୨୨୧ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଦଳର ବ୍ୟାଟସ୍ ମ୍ୟାନ୍ ଚନ୍ଦନ ପାତ୍ର ୩୩ ବଲ ଖେଳି ବ୍ୟକ୍ତିଗତଭାବେ ୯୩ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଚନ୍ଦନଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ଟ୍ରଫି ପ୍ରଦାନ ଉତ୍ସବରେ ଅମର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋବର୍ଦ୍ଧନ ସ୍ୱାଇଁ, ଶିକ୍ଷକ ବଦ୍ୟେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ ପହଞ୍ଚି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଅମର କୁମାର ସାହୁ ଓ ବିନୋଦ କୁମାର ମଲିକ ପରିଚାଳନା କରିଥିଲେ। ବିନୋଦ କୁମାର ମଲିକ ଧନ୍ୟବାଦ ଦେଇଥିଲେ।





ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ଉଚ୍ଚ ଶିକ୍ଷିତା ଅଧକ୍ଷା ପ୍ରାର୍ଥିନୀ ଦଳର ବଡ଼ ସମ୍ବଳ

**ଯାଜପୁର ଟାଉନ,୧୬।୩(ଡି.ଏନ.ଏ.)**

ଯାଜପୁର ପୌରାଞ୍ଚଳର ୧୮ଟି ୱାର୍ଡ ମଧ୍ୟରୁ କଂଗ୍ରେସର ଜଣେ ପ୍ରାର୍ଥୀ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ୨ଟି ଆସନରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯାଇନାହିଁ। ତେଣୁ ଏବେ ୧୫ଟି ୱାର୍ଡରେ ଏହି ଦଳ ନିର୍ବାଚନ ଲଢୁଛି। ଲୋକଙ୍କ ସହିତ ଯୋଡି ନ ହେବା ଯୋଗୁ ବିଶ୍ୱାସର ସଂକଟ ପାଇଁ କଂଗ୍ରେସ ସମସ୍ୟାର ସମ୍ମୁଖୀନ ହେଉଛି। ଚଳିତ ପୌର ନିର୍ବାଚନରେ ଦଳର ଅଧକ୍ଷା ପ୍ରାର୍ଥିନୀ ପ୍ରିୟଦର୍ଶିନୀ ସାମନ୍ତ ଓ ୧୫ଟି ୱାର୍ଡର କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ଭୋଟ ପ୍ରଦାନ ପାଇଁ ଅଧକ୍ଷା ପ୍ରାର୍ଥିନୀଙ୍କ ସମେତ ଦଳର ନେତାମାନେ ନିବେଦନ କରୁଥିବା ଦେଖିବାକୁ ମିଳୁଛି।

କଂଗ୍ରେସ ଦୀର୍ଘବର୍ଷ ହେଲା ଏଠାରେ ଜନସାଧାରଣଙ୍କ ଭଲମନ୍ଦରେ ଠିଆ ନ ହୋଇ ହଠାତ୍ ନିର୍ବାଚନ ବେଳେ ଆବିର୍ଭାବ ହେବାକୁ ଅଧିକାଂଶ ଭୋଟର ପସନ୍ଦ କରୁନାହାନ୍ତି। ଏହା ସତ୍ତ୍ୱେ ବି ଦଳର ଉଚ୍ଚ ଶିକ୍ଷିତା ଅଧକ୍ଷା ପ୍ରାର୍ଥିନୀ ସାମନ୍ତଙ୍କୁ ବିଜୟୀ କଲେ ସେ ସହରବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବେ ବୋଲି ଦଳର ନେତା ସନ୍ତୋଷ ନନ୍ଦ, ଦିଗମ୍ବର କର, ଜିଲା ସଭାପତି ମନୋଜ ରାଉତ, ନଗର ସଭାପତି ନାରାୟଣ ସାମନ୍ତ, ହୃଷୀକେଶ ପତି, ବିଭୂତି ମହାପାତ୍ର, ଅକ୍ଷୟ ଶତପଥୀ ଓ ଅରଜିତ ନାୟକଙ୍କ ସମେତ ବହୁ ସଂଗଠକ ପ୍ରଚାରରେ ଯାଇ ଲୋକଙ୍କୁ ବୁଝାଉଛନ୍ତି। ଶାସକ ବିଜେଡି ଓ ଭାଜପାର ଅଧକ୍ଷା ପ୍ରାର୍ଥିନୀଙ୍କଠାରୁ କଂଗ୍ରେସର ପ୍ରାର୍ଥିନୀ ସାମନ୍ତ ଉଚ୍ଚ ଶିକ୍ଷିତା। ସେ ଜଣେ ଇଞ୍ଜିନିୟର ବୋଲି ତୁଳନା କରି ତାଙ୍କୁ ଭୋଟ ଦେବାକୁ କଂଗ୍ରେସ ନେତା ଲୋକଙ୍କୁ ନିବେଦନ କରୁଛନ୍ତି। ତେବେ ଅର୍ଥବଳ ଓ କର୍ମୀ ବଳ ଅଭାବ କଂଗ୍ରେସ ପାଇଁ ବିଶେଷ ସମସ୍ୟା ହୋଇଥିବା ଦେଖାଯାଉଛି। ଏହା ସତ୍ତ୍ୱେ ଦଳ କିପରି ନିର୍ବାଚନ ବୈତରଣୀ ପାର ହେଉଛି ତାହା ଦେଖିବାକୁ ଅପେକ୍ଷା ରହିଛି।

**କଂଗ୍ରେସର ପ୍ରଚାର ଜୋର୍‌ଦାର**



କର୍ମୀଙ୍କ ସହ କଂଗ୍ରେସ ପ୍ରାର୍ଥିନୀ ପ୍ରଚାର କରୁଛନ୍ତି।

## ଯାଜପୁର ସହରକୁ ସ୍ୱତନ୍ତ୍ର ସ୍ଥାନ ପାଇଁ ଉଦ୍ୟମ ଜାରି

**ଯାଜପୁର ଟାଉନ,୧୬।୩(ଡି.ଏନ.ଏ.)**

ଯାଜପୁର ବିରଜାକ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ବିଶେଷ ଧ୍ୟାନ ଦେଉଛନ୍ତି। ସହରକୁ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ସେ ଉଦ୍ୟମ କରି ଚାଲିଛନ୍ତି। ନଗର ବିଜେଡି ପକ୍ଷରୁ ବିରଜା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପୌରାଧକ୍ଷା ପ୍ରାର୍ଥିନୀ ରଞ୍ଜୁଲତା ହୋତା ଏହା କହିଛନ୍ତି। ନଗର ସଭାପତି ସନ୍ତୋଷ ମଲ୍ଲିକଙ୍କ ଅଧକ୍ଷତାରେ ନଗର ଯୁବ ବିଜେଡି ସଭାପତି ମନୋଜ ସାହୁ, ଜିଲା ଲିଗାଲସେଲ ଆବାହକ ରାଜୀବ ମହାନ୍ତି, ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ଜେନା, ପୂର୍ବତନ ପାରିଷଦ ଯୁବନେତା ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିକାଶ ପାଇଁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଅନୁଦାନ କାର୍ଯ୍ୟକାରୀ ହେଉଛି। ୧୩ ବର୍ଷ ମଧ୍ୟରେ ବିକାଶମୂଳକ କାର୍ଯ୍ୟ ଆକାଶଛୁଆଁ ହୋଇଥିଲେ ବି ଏହି ଐତିହ୍ୟ ସମ୍ପନ୍ନ ସହରର ରୂପରେଖ ପରିବର୍ତ୍ତନ ହୋଇଛି। ବରାହନାଥକୁ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯାଉଥିବା ବେଳେ ବିରଜା କ୍ଷେତ୍ରକୁ ଶ୍ରୀକ୍ଷେତ୍ର ଭଳି ଗଢିତୋଳିବାର କାର୍ଯ୍ୟ ଚାଲିଛି ବୋଲି ନଗର ସଭାପତି ମଲ୍ଲିକ ସୂଚନା ଦେଇଛନ୍ତି।

ଏଠାରେ ମେଡିକାଲ କଲେଜ, ପ୍ରଶାସନିକ ଏନକ୍ଲେଭର ପ୍ରତିଷ୍ଠା ସହିତ ହକି ଷ୍ଟାଡିୟମ, ଇନଡୋର ଷ୍ଟାଡିୟମ, କ୍ରିକେଟ ଓ ଫୁଟବଲ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅବ୍ୟାହତ ରହିଛି। ବାଳାଶ୍ରମ ପଡ଼ିଆରେ ଜାତୀୟସ୍ତରର ଷ୍ଟାଡିୟମ ନିର୍ମାଣ ଚାଲିଥିବାବେଳେ ଏଠାରେ ସ୍ପୋର୍ଟ୍ସ ହଷ୍ଟେଲ ଓ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। କିଆନାଳୀ ଛକରେ ସିଟି ବସଷ୍ଟାଣ୍ଡ ଓ ବୁଢ଼ାଘାଟରେ ହାଇଟେକ ବସ ଟର୍ମିନାଲ କାର୍ଯ୍ୟ ଆରମ୍ଭ ହୋଇଛି। ବରାହନାଥ ପୀଠରେ ଯାଜପୁର ଐତିହ୍ୟର ଏକ ବିଶାଳ ସଂଗ୍ରାହଳୟ, ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି। ଏନ୍‌ସି କଲେଜକୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସହ ସହରରେ ଜିଲା ଜଜକୋର୍ଟ ପ୍ରତିଷ୍ଠାର ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରୟାସ ଚାଲିଛି। ସହରର କଳେବର ବୃଦ୍ଧି ଓ ଏହାର କ୍ଷେତ୍ରଫଳକୁ ୩୦ କି.ମି. ଯାଏ ପରିବ୍ୟାପ୍ତ କରିବାର ଯୋଜନା ଚାଲୁରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ତେଣୁ ଜନସାଧାରଣ ଶାସକଦଳ ପ୍ରାର୍ଥୀଙ୍କୁ ଅକୁଣ୍ଠ ଭାବେ ଭୋଟଦାନ କରିବେ ବୋଲି ଉପରୋକ୍ତ ନେତୃବୃନ୍ଦ ନିବେଦନ କରିଛନ୍ତି। ଏହି ଅବସରରେ ନଗର ବିଜେଡି ପକ୍ଷରୁ ଏକ ଇସ୍ତାହାର ଉନ୍ମୋଚିତ କରାଯାଇଥିଲା।

**ନଗର ବିଜେଡିର ଖବରଦାତା ସମ୍ମିଳନୀ**



ନଗର ବିଜେଡି ପକ୍ଷରୁ ଇସ୍ତାହାର ଉନ୍ମୋଚନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ବଳାତ୍କାର, ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦ୍ରାପଡ଼ା ଅଫିସ,୧୬।୩:** କେନ୍ଦ୍ରାପଡ଼ା ଜିଲା ଦୌରାଜଜ୍ କୋର୍ଟରେ ନିକିରାଇ ଥାନା ଅନ୍ତର୍ଗତ ଏକ ଗାଁରେ ୨୦୧୪ର ବହୁଚର୍ଚ୍ଚିତ ବଳାତ୍କାର ଓ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲା ନଂ. ଏସ୍‌ଟି ୧୮୬/୧୪ରେ ଜିଲାଜଜ୍ ଗୋପାଳ ଚରଣ ବେହେରା ଏକ ଗାଁର ରଙ୍ଗାଧର ବିଶ୍ୱାଳଙ୍କୁ ଆଜୀବନ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଏହା ଅନାଦେୟରେ ଅଧିକ ୧ ବର୍ଷ ଜେଲ୍‌ରେ ରହିବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ମାମଲା ପରିଚାଳନାକାରୀ ସରକାରୀ ଓକିଲ ମାନସ କୁମାର ବେହେରା ସୂଚନା ଦେଇଛନ୍ତି, ୨୦୧୪ରେ ଏକ ଗାଁର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ଶୌଚ ହେବାକୁ ରାତିରେ ଘରୁ ପଦାକୁ ବାହାରିଥିଲେ। ଏହି ସମୟରେ ରଙ୍ଗାଧର ତାଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ ସ୍ୱାମୀ ଓ ସ୍ତ୍ରୀ ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଙ୍ଗାଧର ଭୁଜାଲିରେ ସ୍ୱାମୀଙ୍କୁ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ୧୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିବା ସରକାରୀ ଓକିଲ ବେହେରା ସୂଚନା ଦେଇଛନ୍ତି।

### ବିଦ୍ୟାଳୟ ନିରାପତ୍ତା, ଶିକ୍ଷକ ପ୍ରଶିକ୍ଷଣ ଶିବିର

**ରାଜନଗର,୧୬।୩(ଡି.ଏନ.ଏ.):** ରାଜନଗର ବ୍ଲକ ଓଡ୍ରିଆ-ବନ୍ଧପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ନିରାପତ୍ତା, ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଜେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣବ କୁମାର ଶୁକ୍ଳା, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସହ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ଆଇନଗତ ସହାୟତା, ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଶିବିରରେ କ୍ଲଷ୍ଟରର ୮୦ ଶିକ୍ଷୟିତ୍ରୀ,ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସଂଯୋଜକ ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ସ୍ୱାଗତ ଭାଷଣ ଦେଇଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୧୬।୩(ଡି.ଏନ.ଏ.):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ ଗ୍ରାମରେ ଗାଁର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗ୍ରାମ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ, ଭାଗବତ ପାରାୟଣ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଚତୁର୍ଥ ଦିବସରେ ପୂଜା ପୂଜାର ଆୟୋଜନ କରାଯାଇଥିଲା। ଯୁବ ପରିଷଦ ପକ୍ଷରୁ ୩୦ ବରିଷ୍ଠ ନାଗରିକଙ୍କୁ ଧୂପ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରାଯାଇ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରବଚକ ନିରଞ୍ଜନ ତ୍ରିପାଠୀ, ଭାସ୍କର ରାଉତରାୟ, ଗ୍ରାମର ମୁରବୀ ଭାଗୀରଥି ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ସମୁଦ୍ର ତଟାଞ୍ଚଳରେ ୭ ନଦୀକୁ ସଂଯୋଗ କରାଯାଉ

**କେନ୍ଦ୍ରାପଡ଼ା ଅଫିସ, ୧୬।୩**

- ବନ୍ୟାରେ ପ୍ରଭାବିତ ହେଉଛି ୫୫ ପଞ୍ଚାୟତ
- ବର୍ଷା ପୂର୍ବରୁ ନଦୀବନ୍ଧ ମରାମତି ଦାବି
- ଲୁଣାତଟବନ୍ଧରେ ପଥର ପ୍ୟାକିଂ ଖସୁଛି

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଗୋବିନ୍ଦପୁର, ଡିମିରିପାଳ, ପେତପଡ଼ା, ସଂସିଧା, ଏରଡ଼ଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣି, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି। ବାଳକାଟୀ, କୋଳଡ଼ିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳିଚାଲିଛି। ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗାଠାରୁ ବଉଳଯୋଡ଼ି ନଦୀବନ୍ଧରେ ପଥର ପ୍ୟାକିଂ ହୋଇଥିଲେ ମଧ୍ୟ ତାହା ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକ ଅଞ୍ଚଳରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ବରଂ ଜିଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ଚାଷ ନଷ୍ଟ କରୁଛି। ନଦୀଗୁଡ଼ିକରେ ପ୍ରତିବର୍ଷ ବନ୍ୟାଜଳ ଆସି ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ଟି ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଦିନେ ମରାମତି କରାଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ଲୁଣା ତଟବନ୍ଧରୁ ପଥର ପ୍ୟାକିଂ ଖସିଯାଉଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ମେ’ ମାସ ସୁଦ୍ଧା ସମସ୍ତ ନଦୀ ଓ କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା, ସମୁଦ୍ରରେ ପଡ଼ିଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ଜଳସମ୍ପଦ ବିଭାଗର ଦୁଇ ଡିଭିଜନ ସହ ଆଳି ତଟବନ୍ଧ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି। ସେହିପରି ଜିଲାର ଶେଷମୁଣ୍ଡରେ ଥିବା ୪୮ କି.ମି. ଲମ୍ବର ସମୁଦ୍ରତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହା ସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଏଠାରେ ଏକ ବଡ଼ ସମସ୍ୟା ହୋଇଛି। ସେହିପରି ପ୍ରତିବର୍ଷ ବନ୍ୟା ଭୟରେ ୫୫ ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ବର୍ଷାଦିନକୁ ଛାଡି ଅନ୍ୟ ଋତୁରେ ହୋଇପାରନ୍ତା। ତେବେ ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଯୋଜନାର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏବେଠାରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଚିହ୍ନଟ କରିବା ସହ ଆସନ୍ତା ମେ’ ସୁଦ୍ଧା ବନ୍ଧ ସୁଦୃଢ଼ ପାଇଁ ସେ ଦାବି କରିଛନ୍ତି। ଏ ବିଷୟରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ନଦୀଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁୟାରୀଠାରୁ ନଦୀଗୁଡିକ ଶୁଖିବା ଆରମ୍ଭ ହେଉଛି। ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳ ବଣ ନଷ୍ଟ ହେଉଛି। ହେନ୍ତାଳ ବଣ ନଷ୍ଟ ଫଳରେ ତଟ କ୍ଷୟ ଅନ୍ୟ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ନିକଟରେ ସାତଭାୟାବାସୀ ୧୫ କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ଜିଓ ସିନ୍ଥେଟିକ୍ ଟ୍ୟୁବ୍‌ୱାଲ ଜୁଆର ମାଡ଼କୁ ସହିପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କି.ମି. ଦୂର ନଦୀରେ ଶେଷମୁଣ୍ଡକୁ ଯୋଡ଼ି ତଟାଞ୍ଚଳରେ ଏକ ବୃହତ୍ କେନାଲ ଖୋଳାଯିବା ଆବଶ୍ୟକ। ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡ଼ାଯାଇପାରିବ। ସେହିପରି ନଦୀ ଓ ନାଳରେ ବ୍ୟାରେଜ୍ ଓ କ୍ରିକ୍ ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି।

ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କୁହନ୍ତି, ଚଳିତ ବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ।



ଲୁଣା ନଦୀ ବନ୍ଧରୁ ମାଟି ଅତଡା ଖସି ଯାଇଛି।

# ଶିଳ୍ପ ଧୂଆଁ ବଢ଼ାଉଛି ତାପମାତ୍ରା

**ମହାକାଳପଡ଼ା,୧୬।୩ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଶିଳ୍ପାଞ୍ଚଳରୁ ନିର୍ଗତ ଧୂଆଁର ପ୍ରଭାବ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି। ଧୂଆଁ ଯୋଗୁ ତାପମାତ୍ରା ବଢ଼ି ଚାଲିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶିଳ୍ପାଞ୍ଚଳର ନିର୍ଗତ ଧୂଆଁ ଯୋଗୁ ଉପକୂଳ ଅଞ୍ଚଳରେ ଛୋଟ ଛୋଟ ଶିଶୁଙ୍କ ଶରୀରରେ କୁଣ୍ଡେଇ ହେବା ସହ ଆଲର୍ଜି, ଜ୍ୱର ହେଉଛି ବୋଲି ବତୀଘର ଅଞ୍ଚଳର ଅବନୀ ମଣ୍ଡଳ, କ୍ଷୀତିଶ ବାଇନ, ଦିଲୀପ ଦାସ, ଅନୁକୂଳ ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହା କେଉଁ କାରଣରୁ ହେଉଛି ତାହା ଜଣା ନ ପଡ଼ିଲେ ମଧ୍ୟ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ବୃଦ୍ଧି ଯୋଗୁ ହେଉଛି ବୋଲି ସେମାନେ କହୁଛନ୍ତି। ଅପରପକ୍ଷେ ଖରା ପ୍ରଭାବରେ ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସ୍ଥାନୀୟ ଅଞ୍ଚଳର ଗାଡିଆ, ପୋଖରୀ, ଚୁଆ, କୂପ, ଖାଲପାଟ, ଯୋରି ଆଦି ଶୁଖିଗଲାଣି। ଗୋ ମହିଷାଦି ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ଖରା ଯୋଗୁ ଦିନ ୧୦ଟା ପରେ ଘରୁ ବାହାରିବା ଅସହ୍ୟ ହୋଇପଡୁଛି। ମହାକାଳପଡ଼ା ବ୍ଲକର ବତୀଘର, ଜମ୍ବୁ, ସୁନିତି, ନାଞ୍ଜୁରା, ଖରିନାସୀ, ରାମନଗର ଆଦି ଅଞ୍ଚଳ ସମେତ ବିଭିନ୍ନ ଗାଁରେ ତାପମାତ୍ର ବୃଦ୍ଧି ପାଇଛି। ଅପରପକ୍ଷେ ଶିଳ୍ପ ସଂସ୍ଥାଗୁଡିକରୁ ନିର୍ଗତ ଧୂଆଁ ଓ ଗ୍ୟାସ୍ ଯୋଗୁ ସ୍ଥାନୀୟ କୋଚିଲା, କେନ୍ଥିଆ, ପଲ୍ଲିଗଡ଼, ପିତାପାଟ ଆଦି ଗାଁର ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ବୋଲି ହରି ଗୋଛାୟତ, ନାଥ କୁମାର ଭୋଳ, ଲୋକନାଥ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏମାନଙ୍କ କହିବା କଥା, ସପ୍ତାହେ ହେଲା ଭୀଷଣ ତାପମାତ୍ରା ବୃଦ୍ଧି ପାଇଛି। ଫଳରେ ଘରୁ ବାହାରକୁ ବାହାରିବା କଷ୍ଟ ହୋଇପଡୁଛି। ଖରାଦିନ ଆରମ୍ଭରୁ ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।



ପାରାଦୀପର ଏକ ଶିଳ୍ପ ଚିମିଣିରୁ ନିର୍ଗତ ନିଆଁ ଓ ଧୂଆଁ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ପେଣ୍ଠୁ ବେଳାଭୂମି ସଫେଇ

**ରାଜନଗର,୧୬।୩(ଡି.ଏନ.ଏ.)**

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ସବୁଜ ବାହିନୀର ଛାତ୍ରୀଛାତ୍ରମାନେ ପେଣ୍ଠୁ ବେଳାଭୂମି ସଫେଇ କରିଛନ୍ତି। ବେଳାଭୂମିରେ ଦୀର୍ଘ ୩ ମାସ ହେଲା ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଥିଲା। ଫଳରେ ବେଳାଭୂମିର ଚାରିଆଡେ ପ୍ଲାଷ୍ଟିକ ବୋତଲ, ପଲିଥିନ ପଡି ରହିଥିଲା। ଏବେ ପେଣ୍ଠୁ ବେଳାଭୂମିରେ ଅଲେଖ ମହିମା ଅଖଣ୍ଡ ବ୍ରହ୍ମ ଧୂନୀ ଯଜ୍ଞ ଅନୁଷ୍ଠିତ ହେଉଛି। ଅଖଣ୍ଡ ବ୍ରହ୍ମଧୂନୀ ଯଜ୍ଞର ମୁଖ୍ୟ ସାଧୂ ଅଭୟ ବାବା ଛାତ୍ରୀଛାତ୍ରମାନଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, କ୍ରୀଡା ଶିକ୍ଷକ ବ୍ରହ୍ମାନନ୍ଦ ରାଉତ, ସବୁଜ ବାହିନୀର ଶିକ୍ଷକ ସେକ୍ ନେମ୍ପାତୁଲ୍ଲା, ନିରଞ୍ଜନ ପଲାଇ, ଅରବିନ୍ଦ ଦାସ, ବର୍ଷା ରାଣୀ ରାଉତ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ଅଧ୍ୟାପକ ନ ଥିବାରୁ ଗେଟ୍‌ରେ ତାଲା



କଲେଜ ଗେଟ ବନ୍ଦ କରି ଛାତ୍ରୀମାନଙ୍କ ଧାରଣା।

**କେନ୍ଦ୍ରାପଡ଼ା ଅଫିସ, ୧୬।୩**

**ତୁଳସୀ ମହିଳା ମହାବିଦ୍ୟାଳୟ**

ଆସନ୍ତା ୨୬ ତାରିଖରେ ଯୁକ୍ତ ୩ ପରୀକ୍ଷା। ଅଧ୍ୟାପକ ନ ଥିବାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନ କେନ୍ଦ୍ରାପଡ଼ା ସହରର ତୁଳସୀ ମହିଳା ମହାବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ପାଠ ପଢ଼ା ହୋଇନାହିଁ। ପରୀକ୍ଷାକୁ ନେଇ ଆତଙ୍କିତ ଛାତ୍ରୀମାନେ ବିଭିନ୍ନ ଦାବି ଉଠାଇ ମହାବିଦ୍ୟାଳୟ ଗେଟ୍‌ରେ ବୁଧବାର ତାଲା ପକାଇଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନରତା ଛାତ୍ରୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ କରୋନା ସଂକ୍ରମଣ ପାଠପଢ଼ା ପାଇଁ ବାଧକ ହୋଇଛି। ଏହି କଲେଜ ବିଭିନ୍ନ ବିଭାଗର ପାଠ ପଢ଼ିବା ପାଇଁ ମଞ୍ଜୁରୀ ପାଇଥିଲେ ମଧ୍ୟ ବିଭାଗୀୟ ଶିକ୍ଷକଙ୍କ ଅଭାବ ରହିଛି। ଗତ ୩ ବର୍ଷ ମଧ୍ୟରେ କମ୍ପ୍ୟୁଟର ସାଇନ୍ସ ବିଭାଗରେ ଜଣେ ପରେ ଜଣେ ୩ ଜଣ ଶିକ୍ଷକ ଯୋଗଦେଇଥିଲେ ମଧ୍ୟ ଗୋଟିଏ ୟୁନିଟ୍ ପାଠ ପଢ଼ା ହୋଇନାହିଁ। ଏପରି କି ଗତ କରୋନା ସଂକ୍ରମଣ ସମୟରେ ବିଭିନ୍ନ ମହାବିଦ୍ୟାଳୟରେ ଅନ୍‌ଲାଇନ ପାଠପଢ଼ା ହୋଇଥିବାବେଳେ ଏଠାରେ ଏହା ବନ୍ଦ ରହିଥିଲା। ଆସନ୍ତା ୨୬ରେ ପରୀକ୍ଷା ଥିବାରୁ କଲେଜ କର୍ତ୍ତୃପକ୍ଷ ଏ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ସାହୁ କହିଛନ୍ତି, କଲେଜରେ ଶିକ୍ଷକ ଅଭାବ ଲାଗିରହିଛି। କେତେକ ବିଭାଗ ପାଇଁ ଅତିଥି ଶିକ୍ଷକଙ୍କ ବନ୍ଦୋବସ୍ତ କରାଯାଉଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ରାଜନଗର,୧୬।୩(ଡି.ଏନ.ଏ.)**

ରାଜନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଭାବେ ପ୍ରତିଭା ପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରବିନ୍ଦ୍ର ସେଠୀ, ବିଜୟ କୁମାର ନାୟକ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ଶୈଳେନ୍ଦ୍ର କୁମାର ମିଶ୍ର, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ପାତ୍ର କହିଛନ୍ତି,ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ କାମ କରିବି। ଏଥିପାଇଁ ରାଜନଗର ଅଞ୍ଚଳର ଜନ ସାଧାରଣଙ୍କର ସହଯୋଗ ମିଳିଲେ ଆଗାମୀ ଦିନରେ ରାଜନଗର ବ୍ଲକକୁ ଜିଲାର ଏକ ନମ୍ବର ବ୍ଲକ ଭାବେ ଗଢି ତୋଳିବି ବୋଲି କହିଛନ୍ତି।

# ପଞ୍ଚାମୁଣ୍ଡାଇରେ ଦିବ୍ୟ ଚେତନା ରଥ

**ପଞ୍ଚାମୁଣ୍ଡାଇ,୧୬।୩(ସ୍ୱ.ପ୍ର.)**

ବିଶ୍ୱହିନ୍ଦୁ ପରିଷଦ ଓ ଅଖିଳ ଭାରତୀୟ ସନ୍ଥ ସମିତି ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଚନ୍ଦନେଶ୍ୱରଠାରୁ ଗଞ୍ଜାମ ଭୈରବୀ ପୀଠ ପର୍ଯ୍ୟନ୍ତ ଯାଉଥିବା ଦିବ୍ୟଚେତନା ରଥ ବୁଧବାର ସନ୍ଧ୍ୟାରେ ପଞ୍ଚାମୁଣ୍ଡାଇ ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲା। ପଞ୍ଚାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦର ସଭାପତି ଦେବାଶୀଷ ପଣ୍ଡା, ସମ୍ପାଦକ ପ୍ରତାପ ପାଢ଼ୀଙ୍କ ନେତୃତ୍ୱରେ ଜିଲା ଭାଜପା ଉପସଭାପତି ସଞ୍ଜୟ ସାହୁ, ସମୀର ପାତ୍ର, ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ଦିବ୍ୟ ଚେତନା ରଥଯାତ୍ରାକୁ ସ୍ୱାଗତ କରିଥିଲେ। ଏହି ରଥଯାତ୍ରାରେ ସନ୍ଥ ଶଙ୍କରାନନ୍ଦ ଗିରି, ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଆନନ୍ଦ କୁମାର ପାଣ୍ଡେ, ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ଗୋପୀନାଥ ତ୍ରିପାଠୀ, ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କୁମାର ସାମଲ, ବିଭାଗ ସଭାପତି ବାନାମ୍ବର ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସନାତନ ଧର୍ମର ସୁରକ୍ଷା, ଅନୁପ୍ରବେଶ ରୋକିବା, ଅପସଂସ୍କୃତି ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବ୍ୟଚେତନା ରଥଯାତ୍ରାର ଲକ୍ଷ୍ୟ ଓ ଆଭିମୁଖ୍ୟ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

# ମନ୍ଦିରର ଦଧିକଳସ ମୁଦ ଉତ୍ସବ

**ମାର୍ଶାଘାଇ,୧୬।୩(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତ ଡଅଁରମୁଣ୍ଡର ଗାଁର ଶ୍ରୀରାଧାକୃଷ୍ଣ ମନ୍ଦିରର ଦଧିକଳସ ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁର ଯାଦବ ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତଙ୍କ ମନ୍ତ୍ର ଉଚାରଣ ମଧ୍ୟରେ ଦଧିକଳସ ସ୍ଥାପନ କରାଯାଇଥିଲା। ଏହି ଅବସରରେ କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା।

# ପରିଚାଳନା କମିଟି ପରିବର୍ତ୍ତନ ପାଇଁ ଧାରଣା

**କୁଜଙ୍ଗ,୧୬।୩(ଡି.ଏନ.ଏ.)**

**କୁଜଙ୍ଗର ପ୍ରସିଦ୍ଧ ମେଳଣ ବନ୍ଦକୁ ନେଇ ତୀବ୍ର ପ୍ରତିକ୍ରିୟା**

ମନ୍ଦିର ପରିଚାଳନା କମିଟିର ଅପାରଗତା ଓ ଦୁର୍ନୀତି ଯୋଗୁ ୩ ଶହ ବର୍ଷ ତଳୁ ହୋଇ ଆସୁଥିବା ଜଗତ୍‌ସିଂହପୁର ଜିଲା କୁଜଙ୍ଗର ପ୍ରସିଦ୍ଧ ରାଜାଘର ମେଳଣ ଚଳିତବର୍ଷ ବନ୍ଦ ହୋଇଯାଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଚାଳନା କମିଟି ପରିବର୍ତ୍ତନ ଦାବିରେ ବୁଧବାର ମନ୍ଦିର ସମ୍ମୁଖରେ ଲୋକେ ଧାରଣା ଦେଇଥିଲେ। କବି ରଞ୍ଜନ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଧାରଣାରେ ଅଭିଯୋଗ କରାଯାଇଛି ଯେ, କୁଜଙ୍ଗର ଶ୍ରୀବଳଦେବ ଜୀଉ, ରଘୁନାଥ ଜୀଉ ଓ ଗୋପୀନାଥ ଜୀଉ ମନ୍ଦିର ପରିଚାଳନା କମିଟି ଦୁର୍ନୀତିଗ୍ରସ୍ତ ହୋଇଥିବାରୁ ତୁରନ୍ତ ଦେବୋତ୍ତର କମିଶନର ଏହାର ସଦସ୍ୟଙ୍କୁ ବଦଳାଇବାକୁ ଦାବି କରିଛନ୍ତି। ଏସବୁ ଅଭିଯୋଗ ଉପରେ ବର୍ତ୍ତମାନର ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲଙ୍କୁ ପଚାରିବାରେ କରୋନା କଟକଣା ଯୋଗୁ କେନ୍ଦ୍ରାପଡ଼ା ଜିଲାପାଳ ମହାକାଳପଡ଼ା ବ୍ଲକର ମା’ ରାମଚଣ୍ଡୀଙ୍କ ବିମାନ କୁଜଙ୍ଗ ନ ଆସିବାକୁ କହିବାରୁ ଆନୁଷ୍ଠାନିକ ଭାବେ ମେଳନ ହୋଇପାରୁନାହିଁ। ମାତ୍ର ମେଳନର ସମସ୍ତ ବିଧିବ୍ୟବସ୍ଥା ପାଳନ କରାଯିବ। ଆର୍ଥିକ ଅନିୟମିତତା ସମ୍ପର୍କରେ ପଚାରିବାରେ, ପରିଚାଳନା ସମିତିର ଅନ୍ୟତମ ସଭ୍ୟ ଆଇନଜୀବୀ ଭାରତ ଭୂଷଣ ଦାସ ଆର୍ଥିକ ବ୍ୟବସ୍ଥା ବୁଝନ୍ତି, ତାଙ୍କୁ ପଚାରିଲେ ଠିକ୍ ତଥ୍ୟ ମିଳିବ। ଏ ସମ୍ପର୍କରେ ଦାସଙ୍କୁ ପଚାରିବାରେ କୌଣସି ଆର୍ଥିକ ଅନିୟମିତତା ହୋଇନାହିଁ। ଏହାର ଏକ ବିଧିବଦ୍ଧ ତଦନ୍ତ ହେଲେ ସବୁ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ମିଥ୍ୟା ଆରୋପ ଯେଉଁମାନେ ପ୍ରଚ୍ଛଦ ପଟରେ ରହି ଉଠାଉଛନ୍ତି, ଅତୀତରେ ସେମାନେ ପରିଚାଳନା କମିଟିରେ ରହି ଠାକୁରଙ୍କ ଜମି ଉଦ୍ଧାର ବଦଳରେ କୁଆଡ଼େ ଗଲା, ତା’ର ତଦନ୍ତ ଦାବି କରିଥିଲେ ଭଲ ହୋଇଥାନ୍ତା।



ମନ୍ଦିର ସମ୍ମୁଖରେ ଲୋକମାନେ ଧାରଣାରେ ବସିଛନ୍ତି।

# ଭୁଲ୍ ପ୍ରାର୍ଥୀ ଚୟନ, ଅନ୍ତଃ କନ୍ଦଳ ମହଙ୍ଗା ପଡ଼ିଲା

**ପାଟକୁରା, ୧୬।୩ (ଡି.ଏନ୍.ଏ.)**

**ପାଟକୁରାର ୧୧ ନଂ. ଜିଲା ପରିଷଦ ଜୋନ୍**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ସପକ୍ଷରେ ନିର୍ବାଚନୀ ହାୱା ବହୁଥିବାରୁ କେନ୍ଦ୍ରାପଡ଼ା ଜିଲାର ୩୧ଟି ଜିଲା ପରିଷଦ ଜୋନ୍‌ରେ ଦଳ ବିଜୟୀ ହେଲା। ଦଳ ଶତ ପ୍ରତିଶତ ୩୨ଟି ଆସନରେ ବିଜୟୀ ହେବାର ଆଶା ରଖିଥିଲା। ହେଲେ ପାଟକୁରାର ୧୧ ନଂ. ଜୋନ୍‌ରେ ଏହାର ବ୍ୟତିକ୍ରମ ଦେଖାଦେଲା। ଦଳୀୟ ପ୍ରାର୍ଥୀ ମଞ୍ଜୁବାଳା ଜେନାଙ୍କୁ ହରାଇ ଭାଜପା ପ୍ରାର୍ଥିନୀ ଡଲି ଶତପଥୀ ବିଜୟୀ ହେବାରୁ ଦଳର ଆକଳନ ଭୁଲ୍ ପ୍ରମାଣିତ ହେଲା। ଭାଜପା ପ୍ରାର୍ଥିନୀ ଶତପଥୀ ୧୨,୪୨୩ ଭୋଟ୍ ପାଇଥିବା ବେଳେ ବିଜେଡିର ଜେନା ୧୦,୦୬୯ ଭୋଟ୍ ପାଇଥିଲେ। ଫଳରେ ୨,୩୫୪ ଭୋଟ୍ ବ୍ୟବଧାନରେ ଶତପଥୀ ବିଜୟୀ ହୋଇଥିଲେ। ପ୍ରାର୍ଥୀ ଚୟନରେ ତ୍ରୁଟି ଓ ବିଜେଡିରେ ଅନ୍ତଃକନ୍ଦଳ ପାଇଁ ଏହା ସମ୍ଭବ ହେଲା ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ପାଟକୁରା ଜୋନ୍ ନଂ.୧୧ ବିଜେଡିର ପାରମ୍ପରିକ ଗଡ଼ ଥିଲା। ୨୦୧୨ରେ ଏହି ଜୋନ୍‌ରୁ କନକଲତା କଣ୍ଡ ବିଜେଡିର ଜିଲା ପରିଷଦ ଟିକେଟ୍ ପାଇ ତାଙ୍କର ନିକଟତମ ପ୍ରତିପକ୍ଷ ଭାଜପାର ଅହଲ୍ୟା ଲେଙ୍କାଙ୍କୁ ବହୁ ଭୋଟ୍ ବ୍ୟବଧାନରେ ହରାଇ ଥିଲେ। ସେହି ଜୋନ୍‌ରେ କଣ୍ଡଙ୍କର ବହୁ ଲୋକସମ୍ପର୍କ ଓ ବିଜେଡି କର୍ମୀ ମହଲରେ ଦବ୍‌ଦବା ଥିଲେ ମଧ୍ୟ ଦଳ ତାଙ୍କୁ ଟିକେଟ୍ ନ ଦେଇ ବିଚଣା ଗାଁର ନବାଗତା ଜେନାଙ୍କୁ ଟିକେଟ୍ ଦେଇଥିଲା। କଣ୍ଡଙ୍କୁ ବିଜେଡି ପ୍ରାର୍ଥୀ ନ କରିବାରୁ ସେହି ଜୋନ୍‌ରୁ ତାଙ୍କ ବଡ଼ ଭଉଣୀ କଳାବୁଦାର ଡଲି ଶତପଥୀଙ୍କୁ ଭାଜପା ଦଳୀୟ ଟିକେଟ୍ ପ୍ରଦାନ କରିଥିଲା। କଣ୍ଡ ନିର୍ବାଚନରେ ଘରୁ ନ ବାହାରି ନୀରବ ରହିଥିଲେ। ଅନ୍ୟପକ୍ଷେ ଶତପଥୀ ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ବୋହୂ ହୋଇଥିବାରୁ ଭୋଟରମାନେ ତାଙ୍କୁ ସହଜରେ ଗ୍ରହଣ କରିଥିଲେ। ଚକ୍ରଧରଙ୍କ ଜନପ୍ରିୟତା ପାଟକୁରା ଅଞ୍ଚଳରେ ଥିଲା। ୧୯୬୭ରେ ସେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ହରାଇ ପାଟକୁରାର ବିଧାୟକ ହୋଇଥିଲେ। ଚକ୍ରଧରଙ୍କ ପରିବାର ପାଇଁ ସ୍ଥାନୀୟ ଭୋଟରଙ୍କର ଅନୁକମ୍ପା ରହିଥିଲା। ଅପରପକ୍ଷେ ପୁରୁଣା କର୍ମୀଙ୍କୁ ଅଣଦେଖା ଓ କର୍ମୀଙ୍କ ନିଷ୍ପତ୍ତିକୁ ଗ୍ରହଣ ନ କରିବା ବିଜେଡି ପାଇଁ ମହଙ୍ଗା ପଡ଼ିଲା ବୋଲି କୁହାଯାଉଛି। ଫଳରେ ଏହି ଜୋନରୁ ଜିଲା ପରିଷଦ ପ୍ରାର୍ଥିନୀ ହାରିବା ସହ ୬ଟି ପଞ୍ଚାୟତର ଦଳୀୟ ସମର୍ଥିତ ୫ ଜଣ ସରପଞ୍ଚ ପ୍ରାର୍ଥୀ ଓ ୬ ଜଣ ସମିତିସଭ୍ୟ ପ୍ରାର୍ଥୀ ହାରି ଯାଇଥିଲେ।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରେ ୧୧ ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ଚୟନରେ କିଛି ଭୁଲ୍ ହୋଇଛି ବୋଲି ଭାବୁଛି। ଭଲ ପ୍ରାର୍ଥୀ ଦେଇଥିଲେ ବିଜୟୀ ହୋଇଥା’ନ୍ତେ। ଏହାଛଡ଼ା ବିଜେଡି ମଧ୍ୟରେ ଅନ୍ତଃକନ୍ଦଳ ଅନ୍ୟ ଏକ କାରଣ। ବିଜେଡି ସପକ୍ଷରେ ନିର୍ବାଚନୀ ହାୱା ଅଧିକ ଥିଲା। ଦଳ ୩୨ରୁ ୩୨ ଜିଲା ପରିଷଦ ସଭ୍ୟ ଦଖଲ କରିବ ବୋଲି ଆଶା ଥିଲା। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲାଙ୍କୁ ପଚାରିବାରେ, ବେଦପ୍ରକାଶଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ପାଟକୁରା ଅଞ୍ଚଳରେ ପର୍ଯ୍ୟାପ୍ତ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଏହା ସତ୍ତ୍ୱେ କ’ଣ ପାଇଁ ୧୧ ନଂ. ଜୋନ୍‌ରୁ ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ହାରିଲେ ବୋଲି ଜାଣିପାରୁନି। ଏ ବାବଦରେ ଦଳୀୟ ସମୀକ୍ଷା ହେବ ବୋଲି ସେ କହିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟା କନକଲତା କଣ୍ଡଙ୍କୁ ପଚାରିବାରୁ ଦଳର ଜୋନାଲ ବୈଠକରେ ପ୍ରାର୍ଥୀ ପାଇଁ ତାଙ୍କ ନାମ ଉଠିଥିବା ସେ କହିଥିଲେ। ଏଥିପାଇଁ ପର୍ଯ୍ୟବେକ୍ଷକ ସାମନ୍ତରାୟ ମଧ୍ୟ ଚାହୁଁଥିଲେ କି ତାଙ୍କୁ ପ୍ରାର୍ଥୀ କରାଯାଉ। ହେଲେ କୌଣସି କାରଣବଶତଃ ଦଳୀୟ ଟିକେଟ୍ ମିଳି ନ ଥିଲା। କେହି ମଧ୍ୟ ଯୋଗାଯୋଗ କଲେନି କିମ୍ବା ନିର୍ବାଚନ କାର୍ଯ୍ୟରେ ତାଙ୍କୁ ନିୟୋଜିତ କଲେ ନାହିଁ। ଫଳରେ ସେ ନୀରବରେ ଘରେ ବସି ରହିଲେ। ଏ ସମ୍ପର୍କରେ ଭାଜପା ପ୍ରାର୍ଥିନୀ ଶତପଥୀଙ୍କୁ ପଚାରିବାରେ, ନିର୍ବାଚନରେ ତାଙ୍କ ସାନଭଉଣୀ କଣ୍ଡ ତାଙ୍କୁ କୌଣସି ସାହାଯ୍ୟ ସହଯୋଗ କଲେନାହିଁ। ଦଳ ବିପକ୍ଷରେ ଯାଇ ସେ କୌଣସି ସାହାଯ୍ୟ କରିବ ନାହିଁ ବୋଲି ରୋକ୍‌ଠୋକ ମନା କରି ଦେଇଥିଲା ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୪ ଶିଶୁ ଶ୍ରମିକ ଉଦ୍ଧାର

ରସୁଲପୁର,୧୬।୩(ଡି.ଏନ.ଏ.): ଯାଜପୁର ଶ୍ରମ ବିଭାଗ ନେତୃତ୍ୱରେ ଜିଲା ଶିଶୁ ଶ୍ରମିକ ଉଦ୍ଧାରକାରୀ ଟାସ୍କ ଫୋର୍ସ ପକ୍ଷରୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଅତିରିକ୍ତ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କ ନେତୃତ୍ୱରେ ଯାଜପୁର ବ୍ଲକ ବରୁଆଁ-ଝାଲପଡ଼ା ରାସ୍ତା କାମରେ ନିୟୋଜିତ ବହୁ ଶିଶୁଶ୍ରମିକ ମଧ୍ୟରୁ ଉକ୍ତ ୪ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଗ୍ରାମୀଣ ଶ୍ରମ ଇନ୍ସପେକ୍ଟର ସଞ୍ଜୀବ ଦେଓ, ଜିଲା ଶିଶୁ ସୁରକ୍ଷା ୟୁନିଟର ସ୍ୱତନ୍ତ୍ର କିଶୋର ପୋଲିସ ଅଧିକାରୀ ମିହିର ଜେନା, ଶିଶୁ ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା, ଆକ୍ସନଏଡ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗଲ, ଯାଜପୁର ଚାଇଲ୍ଡ ଲାଇନର କାର୍ତ୍ତିକେଶ୍ୱର ଜେନା, ମମତା ମଞ୍ଜରୀ ଧଳଙ୍କ ସମେତ ଯାଜପୁର ସଦର ଥାନା ପୋଲିସ ମିଳିତ ଭାବରେ ଭିନ୍ନଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। କୋଭିଡ ମହାମାରୀ ଲାଗି ବିଦ୍ୟାଳୟ ବନ୍ଦ ରହିବା ଯୋଗୁ ଜିଲାରେ ଶହଶହ ଶିଶୁଶ୍ରମିକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖାଯାଉଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲା। ଏ ଦିଗରେ ଶିଶୁ ଅଧିକାର କର୍ମୀ ଅସନ୍ତୋଷ ପ୍ରକାଶ କରୁଥିଲେ। ମଙ୍ଗଳବାର ଦାନଗଦୀ ଶିଶୁ ସୁରକ୍ଷା ମଞ୍ଚ ସଦସ୍ୟ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଟାସ୍କ ଫୋର୍ସ ଗଠନ ଓ ଶିଶୁଶ୍ରମିକ ଉଦ୍ଧାର ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ଟାସ୍କଫୋର୍ସ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢ଼ାଉ କରାଯିବ ବୋଲି ସୂଚନା ମିଳିଛି।

### ଦାୟିତ୍ୱ ଭାର ସମ୍ଭାଳିଲେ ସରପଞ୍ଚ

ରଘୁନାଥପୁର,୧୬।୩(ଡି.ଏନ.ଏ.): ରଘୁନାଥପୁର ବ୍ଲକ ତାରପୁରର ନବ ନିର୍ବାଚିତ ସରପଞ୍ଚ ସୁଷମା ମଲ୍ଲିକ ବୁଧବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଦାସ ତାଙ୍କୁ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା ଓ ବିଭିନ୍ନ ମହିଳା ଗ୍ରୁପର କର୍ମକର୍ତ୍ତାମାନେ ସରପଞ୍ଚ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ, ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଏବଂ ଆବଶ୍ୟକତା ଥିବା କାର୍ଯ୍ୟକୁ ଅଗ୍ରାଧିକାର ଦେବେ ବୋଲି ସରପଞ୍ଚ ମଲ୍ଲିକ କହିଥିଲେ। ଏହି ସମୟରେ ଚନ୍ଦ୍ରଶେଖର ସିଂହ, ସରୋଜ କୁମାର ଦାଶଙ୍କ ସହ ୱାର୍ଡସଭ୍ୟ ଓ ସମର୍ଥକ ଉପସ୍ଥିତ ଥିଲେ।

### ବିରିଡିରେ ଜାତୀୟ ଟିକାକରଣ ଦିବସ

ବିରିଡି,୧୬।୩(ଡି.ଏନ.ଏ.): ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ସଭାଗୃହରେ ବୁଧବାର ଜାତୀୟ ଟିକାକରଣ ଦିବସ ପାଳିତ ହୋଇଥିଲା। ସଭାରେ ବିଡିଓ ହେମନ୍ତ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଗୌରୀ ଦେଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ରାକେଶ ମହାନ୍ତି, ଡା. ଲୋକନାଥ ସାହୁ ଯୋଗ ଦେଇଥିଲେ। ସେମାନେ ଏଲଏଚଭି, ଅଙ୍ଗନୱାଡି, ମହିଳାପୁରୁଷ ସ୍ୱାସ୍ଥ୍ୟ ଓ ଆଶା କର୍ମୀଙ୍କୁ ଟିକାକରଣ ସମ୍ପର୍କରେ ବୁଝାଇବା ସହ ଅଂଶଗ୍ରହଣ କରୁଥିବା ଏଲଏଚଭି, ଅଙ୍ଗନୱାଡି, ମହିଳା ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟକର୍ମୀ ସୁନିତା ବେହେରା, ଅଶା କର୍ମୀ ଇତିଶ୍ରୀ ଭୋଇ ଓ ପୁଷ୍ପଲତା ବେହେରାଙ୍କୁ ବିଡିଓ ମହାନ୍ତ ସମ୍ବର୍ଦ୍ଧିତ କରିଥିଲେ।

# ଜରାଶ୍ରମ ସାଜିଲା ନୂଆ ଠିକଣା

■ ବୋହୂ ପୁଅଙ୍କ ନିର୍ଯାତନା ଅସହ୍ୟ ହେଲା

■ ଘର ଛାଡ଼ିଲେ ବୃଦ୍ଧ ମା'ବାପା

ରାହାମା,୧୬।୩(ଡି.ଏନ.ଏ.)

ବାର୍ଦ୍ଧକ୍ୟ ଆସିଲେ ବୋହୂ ପୁଅଙ୍କ ସାହାରା ଲୋଡ଼ା ପଡ଼େ। ନାତି, ନାତୁଣୀଙ୍କ କୋଳାହଳ ଭିତରେ ସମୟ କାଟିବାକୁ ଇଚ୍ଛା ହୁଏ। ପାଟିକୁ ରୁଚୁ ନ ଥିଲେ ବି ବୋହୂ ହାତ ପରଷାରେ ମନ ପୂରିଯାଏ। ସେଥିପାଇଁ ମା'ବାପା ପୁଅଟିଏ ପାଇଁ କେତେ ଦିଅଁଦେବତାଙ୍କୁ ଡାକନ୍ତି। କେଉଁଠି ମାନସିକ ରଖନ୍ତି ତ ଆଉ କେଉଁଠି ପୂଜାର୍ଚ୍ଚନା କରନ୍ତି। ପୁଅର ପାରିବାପଣିଆ ଦେଖିଲେ ମା'ବାପା ପୁଅ ମନଲାଖି କନ୍ୟା ଖୋଜି ବସନ୍ତି। ଘରକୁ ବୋହୂ ଆସେ। ହେଲେ ତା'ପରେ ଯଦି ସବୁ ଓଲଟପାଲଟ ହୋଇଯାଏ ଭାଗ୍ୟକୁ ନିନ୍ଦନ୍ତି ବୃଦ୍ଧ ଦମ୍ପତି। ଏମିତି ଏକ ଘଟଣା ଏବେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ନୁହେଁ, ଦୁଇ ପୁଅ ବୋହୂଙ୍କ ହତାଦର ଓ ନିର୍ଯାତନା ସହି ନ ପାରି ବୃଦ୍ଧ ମା'ବାପା ଘରଛାଡି ଜରାଶ୍ରମରେ ଆଶ୍ରୟ ନେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି।

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଗୋଡ଼ା ଘୋଷାଘର ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର(୭୮) ଓ ତାଙ୍କ ସ୍ତ୍ରୀ ମାଳତୀ(୭୪) ଗତ ୭ ଦିନ ହେବ ନିଜ ଘର ଛାଡିବାକୁ ବାଧ୍ୟ ହୋଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ଆଶ୍ରୟ ନେବା ପରେ ବୁଧବାର ରାହାମାରେ ପହଞ୍ଚିଥିଲେ। ସ୍ଥାନୀୟ ରାମଚରିତ ମାନସ ପ୍ରାଙ୍ଗଣରେ ସେମାନେ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଯୁବକମାନେ ସେମାନଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଏହାପରେ କୃଷ୍ଣଚନ୍ଦ୍ର ଓ ମାଳତୀ ନିଜ ଦୁଃଖ ଓ ବୋହୂପୁଅଙ୍କ ନିର୍ଯାତନା କଥା କହିଥିଲେ। ଏହି ଦମ୍ପତିଙ୍କ ୨ ପୁଅ। ଦୁହେଁ ବିବାହ କରିବା ପରେ ୨ ବୋହୂ ଘରକୁ ଆସିଥିଲେ। ହସଖୁସିରେ ଘର ପୂରିଉଠିଥିଲା। ହେଲେ ସେହି ଖୁସି ବେଶିଦିନ ରହିଲା ନାହିଁ। ବୋହୂ, ପୁଅ ସେମାନଙ୍କ ବାର୍ଦ୍ଧକ୍ୟର ଫାଇଦା ଉଠାଇବାକୁ ଚେଷ୍ଟା କଲେ। ଛୋଟ ଛୋଟ କଥାରେ ସେମାନେ ମା'ବାପାଙ୍କୁ ଗାଳିଗୁଲଜ କରିବା ସହିତ ନିର୍ଯାତନା ଦେବାକୁ ପଛାଉ ନ ଥିଲେ। ରୋଗ ସମୟରେ ସେମାନଙ୍କ ଯତ୍ନ କଥା ବୋହୂ ପୁଅ ଭୁଲିଯାଉଥିଲେ। ଏପରି କି ଠିକ୍ ସମୟରେ ମୁଠାଏ ଖାଇବାକୁ ସେମାନଙ୍କୁ ମିଳୁ ନ ଥିଲା। ଥରେ ମୁହଁ ଖୋଲିଲେ ବହୁ କଥା ଶୁଣିବାକୁ ପଡୁଥିଲା। ଏପରି ନିର୍ଯାତନା ଦୀର୍ଘଦିନ ସହିବା ପରେ ଆମେ ଦୁହେଁ ଘର ଛାଡିବାକୁ ବାଧ୍ୟ ହୋଇଛୁ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ଏ କଥା ଶୁଣିବା ପରେ ସ୍ଥାନୀୟ ଯୁବକମାନେ କୃଷ୍ଣଚନ୍ଦ୍ରଙ୍କ ବୋହୂ ଓ ପୁଅଙ୍କ ସହ ଯୋଗାଯୋଗ କରିଥିଲେ। ଆଶା ଥିଲା ବୋହୂ ପୁଅ ରାହାମାରେ ପହଞ୍ଚି କୃଷ୍ଣଚନ୍ଦ୍ର ଓ ମାଳତୀଙ୍କୁ ଘରକୁ ଫେରାଇ ନେବେ। ହେଲେ ଦୀର୍ଘ ସମୟ ଅପେକ୍ଷା କରାଯିବା ପରେ ମଧ୍ୟ ତାହା ହେଲାନାହିଁ। ଏପରି କି ସ୍ଥାନୀୟ ଯୁବକମାନେ ବୋହୂ ପୁଅଙ୍କୁ ବହୁ ସମୟ ବୁଝାଶୁଝା କରିବା ପରେ ବି ସେମାନେ ମା'ବାପାଙ୍କୁ ଘରକୁ ଫେରାଇ ନେବାକୁ ଆନ୍ତରିକତା ଦେଖାଇ ନ ଥିଲେ। ଶେଷରେ ଏ ସଂକ୍ରାନ୍ତରେ ବ୍ୟାସ ଫାଉଣ୍ଡେଶନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସହିତ ସମ୍ପୃକ୍ତ ଯୁବକମାନେ ଯୋଗାଯୋଗ କରିଥିଲେ। ଖବର ପାଇ ସ୍ନେହମୟୀଙ୍କ ସହିତ ଅନୁଷ୍ଠାନର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ଉପସଭାପତି ରଶ୍ମିତା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ତିର୍ତ୍ତୋଲ ଥାନାରେ ଉପସ୍ଥିତ କରାଇଥିଲେ। ଏହପରେ କୃଷ୍ଣଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ସେମାନଙ୍କୁ ଜରାଶ୍ରମକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମଧ୍ୟ ସେଠାରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ କିଛି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେ ଏ ସଂକ୍ରାନ୍ତରେ କୁଜଙ୍ଗ ଥାନାଧିକାରୀଙ୍କୁ ଜଣାଇବା ପରେ ବୃଦ୍ଧ ଦମ୍ପତିଙ୍କୁ ସନ୍ତୋଷୀ ଜରାଶ୍ରମରେ ରଖାଯାଇଛି। ଏବେ କୃଷ୍ଣଚନ୍ଦ୍ର ଓ ମାଳତୀଙ୍କ ପାଇଁ ଜରାଶ୍ରମ ନୂଆ ଠିକଣା ହୋଇଛି।


ପାରାଦୀପର ସନ୍ତୋଷୀ ଜରାଶ୍ରମରେ କୃଷ୍ଣଚନ୍ଦ୍ର ଓ ମାଳତି।

## ଦାୟିତ୍ୱ ଗ୍ରହଣ କଲେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ

ପଟ୍ଟାମୁଣ୍ଡାଇ,୧୬।୩(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ନବନିର୍ବାଚିତ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସରକାରୀ ଯୋଜନାର ସଫଳ ରୂପାୟନ କରି ପଟ୍ଟାମୁଣ୍ଡାଇକୁ ଏକ ଅଗ୍ରଣୀ, ଆଦର୍ଶ ଓ ସମୃଦ୍ଧ ବ୍ଲକରେ ପରିଣତ କରିବାକୁ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଏପିଡି ମନ୍ଦରଧର ମହାଳିକ, ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ନିର୍ବାହୀଯନ୍ତ୍ରୀ ରୋଜାଲିନୀ ମହାଳିକ, ସହ ନିର୍ବାହୀଯନ୍ତ୍ରୀ ସୁରେଶ ବେହେରା, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ସରପଞ୍ଚ ଅଜିତ ନାୟକ, ଓଉପଦା ସରପଞ୍ଚ ମମତା ସାମଲ, ବାଛରା ସରପଞ୍ଚ ରଞ୍ଜିତା ସାହୁ (ରାଉତ), ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀ, ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକ, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଖଡିଅଣ୍ଟା ସରପଞ୍ଚ ଜୀବନକୃଷ୍ଣ ରାୟ, ଡାମରପୁର ସରପଞ୍ଚ ଅନୁସୟା ନାଥ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

# ଅଧ୍ୟକ୍ଷ ୨ ଲକ୍ଷ, କାଉନସିଲର ପ୍ରାର୍ଥୀଙ୍କ ୫୦ ହଜାର ପର୍ଯ୍ୟନ୍ତ ଖର୍ଚ୍ଚ


ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ, ୪ ଜଣ ଅଧ୍ୟକ୍ଷ ଓ ୬୯ ଜଣ କାଉନସିଲର ପ୍ରାର୍ଥୀ।

ଜଗତ୍‌ସିଂହପୁର ଅଫିସ,୧୬।୩

**ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ବୈଠକ**

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ। ଏ ନେଇ ପ୍ରାର୍ଥୀମାନେ ପ୍ରଚାର ଜୋର୍‌ଦାର କରିଛନ୍ତି। ପ୍ରାର୍ଥୀମାନେ ଯେପରି ଆଚରଣବିଧି ଠିକ୍ ଭାବେ ପାଳନ କରିବେ ଏବଂ ଖର୍ଚ୍ଚ ହିସାବ ରଖିବେ ସେ ସମ୍ପର୍କିତ ଏକ ବୈଠକ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଚିନ୍ମୟୀ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ଜଗତ୍‌ସିଂହପୁର ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ ଅଧ୍ୟକ୍ଷ ଓ ୬୯ ଜଣ କାଉନସିଲର ପ୍ରାର୍ଥୀ ଯୋଗଦେଇଥିଲେ। ବୈଠକରେ ନିର୍ବାଚନ ଅଧିକାରୀ ବିଶ୍ୱାଳ କହିଥିଲେ, ପ୍ରାର୍ଥୀମାନେ ନିର୍ବାଚନ ସମୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶନାମାକୁ ଠିକ୍ ଭାବେ ପାଳନ କରିବା ଜରୁରୀ। ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ପ୍ରତି କାଉନ୍‌ସିଲର ପ୍ରାର୍ଥୀ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ସୁଯୋଗ ରହିଛି। ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ତଥା ଡିଏମ୍‌ଇଟି ଅର୍ଥ ଉପଦେଷ୍ଟା ରୁଦ୍ର ନାରାୟଣ ଆଚାର୍ଯ୍ୟ ଉପସ୍ଥିତ ରହି ପରାମର୍ଶ ଦେଇ କହିଥିଲେ ଯେ, ପ୍ରାର୍ଥୀମାନେ ୨ଟି ଖର୍ଚ୍ଚ ରେଜିଷ୍ଟର କରିବେ। ଗୋଟିଏରେ ପ୍ରତିଦିନର ଖର୍ଚ୍ଚ ବିବରଣୀ ଉଲ୍ଲେଖ ରହିବ। ଅନ୍ୟଟି ଅବ୍‌ଷ୍ଟ୍ରାକ୍ଟ କରିବେ। ମାର୍ଚ୍ଚ ୨୨ରେ ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ରେଜିଷ୍ଟର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ତନଖି କରାଯିବ ବୋଲି ସେ କହିଥିଲେ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଉପସ୍ଥିତ ଥିଲେ।

## କ୍ରିକେଟ: ବେରା କିଙ୍ଗ୍‌ଷ୍ଟାର ବିଜୟୀ

ଏରସମା,୧୬।୩(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ଗ୍ରାମର ଦୋଳଗୋବିନ୍ଦ ଜୀଉ ୟୁଥ କ୍ଲବ ପକ୍ଷରୁ ପ୍ରଦୀପ୍ତ ସ୍ମାରକୀ ପ୍ରିମିୟର ଲିଗ୍ (କ୍ରିକେଟ ଟୁର୍ନାମେଣ୍ଟ) ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବେହେରା ଓ ସାମାଜିକ କର୍ମୀ କାନନ ମାଇତି ଉଦ୍‌ଘାଟନ କରିଥିଲେ। ଏଥିରେ ପଦ୍ମପୁର ଗ୍ରାମର ବେରା କିଙ୍ଗଷ୍ଟାର ଓ ଶିଆଳି ଗ୍ରାମର ମା' ଶୀତଳା ଇଲେଭେନ ଷ୍ଟାର ଦୁଇଟି ଦଳ ମଧ୍ୟରେ ଖେଳ ହୋଇଥିଲା। ମା' ଶୀତଳା ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ବେରା କିଙ୍ଗଷ୍ଟାର ୧୦ ଓଭର ଖେଳି ୪ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଖେଳରେ ନନ୍ଦଲାଲ ଜାନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଖେଳକୁ ସୁବାସ ସାମନ୍ତ ଓ ରବୀନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

## ୨୧ରେ ଭୀମ ଭୋଇ ସାମର୍ଥ୍ୟ ଶିବିର

ରଘୁନାଥପୁର,୧୬।୩(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ପକ୍ଷରୁ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିରରେ ଭୀମଭୋଇ ସାମର୍ଥ୍ୟ ଶିବିର ଆସନ୍ତା ମାର୍ଚ୍ଚ ୨୧ରେ ଅନୁଷ୍ଠିତ ହେବ। ଯେଉଁମାନେ ଭିନ୍ନକ୍ଷମ ପ୍ରମାଣ ପତ୍ର ତଥା ୟୁଡିଆଇଡି ପାଇଁ ସ୍ୱାବଲମ୍ବନ ପୋର୍ଟାଲରେ ଆବେଦନ କରିଥିବେ ସେହିମାନେ ହିଁ ଶିବିରରେ ଯୋଗଦେଇ ପାରିବେ। ସେମାନଙ୍କୁ ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟଥା ଯେଉଁମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି କିମ୍ବା ଆବେଦନ ପୂର୍ବରୁ ଡାକ୍ତରଙ୍କ ଦ୍ୱାରା ନାମଞ୍ଜୁର ହୋଇଛନ୍ତି ସେମାନେ ଉକ୍ତ ଶିବିରକୁ ଆସିବାର ଆବଶ୍ୟକତା ନାହିଁ ବୋଲି ବିଡିଓ ଜିତେନ୍ଦ୍ର କୁମାର ନାୟକ ସ୍ପଷ୍ଟ କରିଛନ୍ତି। ଉକ୍ତ ଶିବିରରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ଏସ୍‌ସିବି ମେଡିକାଲର ସ୍ପେସିଆଲିଷ୍ଟ ଡାକ୍ତରମାନେ ଉପସ୍ଥିତ ରହି ଚିକିତ୍ସା କରିବାକୁ ସ୍ଥିର ହୋଇଛି। ପୋର୍ଟାଲରେ ଆବେଦନ କରିଥିବା ବ୍ୟକ୍ତିମାନେ ଶିବିରକୁ ଆସିଲା ବେଳେ ସାଙ୍ଗରେ ପୋର୍ଟାଲ ରେଜିଷ୍ଟ୍ରେଶନ ରସିଦ୍, ଆଧାରକାର୍ଡ, ୩ଟି ପାସପୋର୍ଟ ସାଇଜ ଫୋଟ, ଶିକ୍ଷାଗତ ପ୍ରମାଣପତ୍ର ଏବଂ ମୋବାଇଲ ନମ୍ବର ଆଣିବା ଅତ୍ୟନ୍ତ ଜରୁରୀ ବୋଲି ବିଡିଓ ନାୟକ ସୂଚାଇ ଦେଇଛନ୍ତି। ଏହାଛଡା ଗ୍ରୀଷ୍ମପ୍ରବାହ ଯୋଗୁ ଶିବିର ସକାଳ ସାଢେ ୭ଟାରେ ଆରମ୍ଭ ହେବ ବୋଲି ବିଡିଓ ନାୟକ ସୂଚନା ଦେଇଛନ୍ତି।

## ଦଳୀୟ ପ୍ରଚାର କରୁଛନ୍ତି କଲେଜ କର୍ମଚାରୀ


ପ୍ରଚାରରେ ଯୋଗ ଦେଇଥିବା କଲେଜ କର୍ମଚାରୀ।

ଜଗତ୍‌ସିଂହପୁର ଅଫିସ, ୧୬।୩

**ଜଗତ୍‌ସିଂହପୁର ପୌର ନିର୍ବାଚନ**

ଜଗତ୍‌ସିଂହପୁର ପୌର ନିର୍ବାଚନରେ ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ସ୍ମାରକୀ) ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କରୁଥିବା ଗୁରୁତର ଅଭିଯୋଗ ବୁଧବାର ହୋଇଛି। ସମ୍ପୃକ୍ତ କର୍ମଚାରୀ ଜଣକ ହେଲେ ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ଗଗନ ଚରଣ ଦାସ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୮ନଂ. ୱାର୍ଡର ଏକାଧିକ ବ୍ୟକ୍ତି ପୌର ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ଅଛି ଯେ, ପୌର ନିର୍ବାଚନ ନେଇ ଏବେ ଆଚରଣବିଧି ବଳବତ୍ତର ରହିଛି। କିନ୍ତୁ ଦାସ ଆଚରଣ ବିଧି ଉଲ୍ଲଂଘନ କରି ୮ନଂ. ୱାର୍ଡ ଅନ୍ତର୍ଗତ ଦେଉଳୀ ଗ୍ରାମେଶ୍ୱର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର ଚଳାଇଛନ୍ତି। ତେଣୁ ଏହା ଉପରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଉ।

# ରସାୟନ ବିଜ୍ଞାନ ବିଭାଗର ସେମିନାର

ବିରିଡି ୧୬।୩(ଡି.ଏନ.ଏ.)

ବିରିଡି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପକ୍ଷରୁ ଏକ ସେମିନାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ ଉଦ୍‌ଘାଟନ କରିଥିଲେ। ଏହାର ବିଷୟ ବସ୍ତୁ ଥିଲା 'ନିୟୁକ୍ଲିୟର ମ୍ୟାଗ୍ନେଟିକ ରିଜୋନାନ୍ସ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅକ୍ଷୟ କୁମାର ଭଦ୍ର ସଭାପତିତ୍ୱ କରିଥିଲେ। ଏସ୍‌ଭିଏମ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲିଙ୍ଗରାଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଶିକ୍ଷଣୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଧ୍ୟାପକ ଗଦାଧର ରଥ ଓ ଅଧ୍ୟାପିକା ସସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସେମିନାରକୁ ସବିତା ତ୍ରିପାଠୀ, ରଞ୍ଜନ କୁମାର ସାହୁ ଓ ସାଗର ରଞ୍ଜନ ଦାସ ପରିଚାଳନା କରିଥିଲେ। ଶେଷରେ ରସାୟନ ବିଭାଗର ଅକ୍ଷୟ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିଳା କବାଡ଼ି ଟୁର୍ନାମେଣ୍ଟ

ଯାଜପୁର ରୋଡ,୧୬।୩(ଡି.ଏନ.ଏ.)

ରାଜ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା କବାଡି ଟୁର୍ନାମେଣ୍ଟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ (ମହିଳା ଦଳ)କୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ରମାଦେବୀ ବିଶ୍ୱବିଦ୍ୟାଳୟ ଦଳର ଅଧିନାୟିକା ଶିବାନୀ ମଲ୍ଲିକ ଯାଜପୁରରୋଡସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ। ଅଧିନାୟିକା ଶିବାନୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ କୌଶଳପୂର୍ଣ୍ଣ ଖେଳ ପରିଚାଳନାକରି ଦଳକୁ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ଏଭଳି ଗୌରବ ଆଣିଥିବା ପ୍ରତିଭାଦୀପ୍ତ ଛାତ୍ରୀ ଶିବାନୀଙ୍କୁ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ମହାବିଦ୍ୟାଳୟ ପରିସରରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଇନ୍ଦିରା ମହିଳା ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷା ପଙ୍କଜିନୀ ପାଣି ମୁଖ୍ୟଅତିଥି, ବରିଷ୍ଠ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ରୋଜାଲିନ ମହାନ୍ତି, ଅଧ୍ୟାପକ ଅରୁଣ କୁମାର ମିଶ୍ର, ମଳୟ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା, ପଦ୍ମଭୂଷଣ ରାଉତାରାୟ, ଅଧ୍ୟାପିକା ଝୁନୁମଣି ଜେନା, ଲିପ୍ସା ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଅଧିନାୟିକା ଶିବାନୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଦୀପ କୁମାର ପରିଡ଼ା, ପ୍ରଦୀପ କୁମାର ପଲେଇ, ବିଚିତ୍ର ଦଲେଇ, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ।


କବାଡ଼ି ଦଳର ଅଧିନାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଷଣ୍ଢକୁଦର ୩ ୱାର୍ଡରେ ତ୍ରିଶଙ୍କୁ ସ୍ଥିତି

ପାରାଦୀପ,୧୬।୩(ସ୍ୱ.ପ୍ର.)

**ପାରାଦୀପ ପୌର ନିର୍ବାଚନ**

ପାରାଦୀପ ପୌରାଞ୍ଚଳର ସବୁଠାରୁ ବଡ଼ ବସ୍ତି ହେଲା ଷଣ୍ଢକୁଦ। ଏଠାରେ ୧୭, ୧୮ ଓ ୧୯ନଂ. ଏପରି ୩ଟି ୱାର୍ଡ କରାଯାଇଛି। ୫୮୪୫ ଭୋଟର ଥିବା ଏହି ୩ ୱାର୍ଡରେ ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ସମୁଦ୍ର ବେଳାଭୂମିରେ ଥିବା ଏହି ବସ୍ତିରେ ବିଭିନ୍ନ ବର୍ଗର ଲୋକ ବସବାସ କରୁଛନ୍ତି। ବିଶେଷକରି ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ଉପରେ ଦୁଇଟି ୱାର୍ଡର ବିଜୟ ପରାଜୟ ନିର୍ଭର କରୁଛି। ତେଲୁଗୁ ପରେ ଅନ୍ୟତମ ବଡ଼ ଭୋଟ୍‌ବ୍ୟାଙ୍କ ହେଲା ବଙ୍ଗଭାଷୀ ଏବଂ ଅବଶିଷ୍ଟ ଓଡ଼ିଆ। ଚଳିତ ନିର୍ବାଚନରେ ସଂରକ୍ଷଣ ଯୋଗୁ ଅନେକ ପ୍ରମୁଖ ଆଶାୟୀ ବାଦ୍ ପଡିଛନ୍ତି। ସେହି ସ୍ଥାନରେ ଆଶାୟୀଙ୍କୁ ଅଦଳ ବଦଳ କରିବା, ପୁରୁଖାଙ୍କୁ ଅଣଦେଖା କରିବା ଯୋଗୁ ବିଦ୍ରୋହୀ ଭୂମିକାରେ ସେମାନେ ରହିଛନ୍ତି, ଯାହାକୁ ନେଇ ତ୍ରିଶଙ୍କୁ ଅବସ୍ଥା ସୃଷ୍ଟି ହୋଇଛି।

୧୭ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା ପାଇଁ ସଂରକ୍ଷଣ ହୋଇଛି। ଏଥର ଏହି ୱାର୍ଡରେ ଭାଜପା ପକ୍ଷରୁ ଚିରସ୍ମିତା ତରାଇ, ବିଜେଡି ପକ୍ଷରୁ ରୁନି ପରିଡା ଓ ସ୍ୱାଧୀନ ଭାବେ(ଆମ ପାରାଦୀପ ଆମ ପ୍ରଗତି) ପକ୍ଷରୁ ଟି. ରାଜେଶ୍ୱରୀ ନିର୍ବାଚନ ଲଢୁଛନ୍ତି। ଉକ୍ତ ୱାର୍ଡର ଭୋଟର ସଂଖ୍ୟା ୧୮୭୨ ଥିବାବେଳେ ସେଥିରୁ ତେଲୁଗୁ ଭୋଟର ୮୫ ପ୍ରତିଶତ। ଅନ୍ୟମାନେ ଓଡ଼ିଆ ବଙ୍ଗଭାଷୀ। ସେହିପରି ୧୮ନଂ. ୱାର୍ଡର ଅବସ୍ଥା। ଅସଂରକ୍ଷିତ ଥିବା ଏହି ୱାର୍ଡରେ ୩ ଜଣ ତେଲୁଗୁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ହେଲେ ଭାଜପାରୁ ଅର୍ଜିଲ ଶିୱା, ବିଜେଡିରୁ କାମ୍ବଲ ରାମବାବୁ ଓ ଆମ ପାରାଦୀପ ଆମ ପ୍ରଗତିର ସ୍ୱାଧୀନ ପ୍ରାର୍ଥୀ ଜଗନ୍ନାଥ ରାଓ କାମ୍ବଲା। ଉକ୍ତ ୱାର୍ଡରେ ୧୭୩୩ ଭୋଟରଙ୍କ ମଧ୍ୟରୁ ତେଲୁଗୁ ୬୦ ପ୍ରତିଶତ ଥିବା ବେଳେ ଅନ୍ୟମାନେ ଓଡ଼ିଆ ଓ ବଙ୍ଗଭାଷୀ। ଜଗନ୍ନାଥ ଉକ୍ତ ୱାର୍ଡରୁ ପୂର୍ବରୁ ୪ଥର କାଉନସିଲର ଭାବେ ଜିତିଛନ୍ତି। ଦୁଇଥର କଂଗ୍ରେସ ଟିକେଟରୁ ଏବଂ ଦୁଇଥର ବିଜେଡି ଟିକେଟରୁ। ଚଳିତଥର ସେ ପ୍ରମୁଖ ଆଶାୟୀ ଥିଲେ। ତାଙ୍କ ଜାଗାରେ ବିଜେଡି ପୂର୍ବଥର ୧୭ନଂ. ୱାର୍ଡ କାଉନସିଲର ଥିବା ରାମବାବୁଙ୍କୁ ଟିକେଟ ଦେଇଛି। ଅନ୍ୟତମ ଦାବିଦାର ହେଲେ ଭାଜପାର ଶିୱା। ସେ ମଧ୍ୟ ଗତଥର ନିର୍ବାଚନ ଲଢିଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏମିତି ଦେଖିବାକୁ ଗଲେ ୩ ଜଣ ପ୍ରାର୍ଥୀ ସମ୍ପର୍କରେ ଦାଦା ପୁତୁରା, ମାମୁ ଭଣଜା। ସମସ୍ତଙ୍କର ଦବ୍‌ଦବା ରହିଛି। କଡା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ହାର୍‌ଜିତ ଗତଥର ଭଳି କମ୍ ବ୍ୟବଧାନ ରହିବ ବୋଲି ଜଣେ ଭୋଟର କହିଛନ୍ତି।

୧୯ନଂ. ୱାର୍ଡର ଅସଂରକ୍ଷିତ ଆସନରେ ସେହିଭଳି ଗୋଳମାଳିଆ ସ୍ଥିତି। ୨୨୪୦ ଭୋଟର ଥିବା ଏହି ୱାର୍ଡରେ ଏଥର ୩ ଜଣଯାକ ପ୍ରାର୍ଥୀ ନୂଆମୁହଁ। ବିଜେଡିରୁ ନବ କୁମାର ବେହେରା, ଭାଜପାରୁ ପ୍ରଫୁଲ୍ଲ କୁମାର ପରିଡା ଓ ସ୍ୱାଧୀନ(ଏପିଏପି)ସୁଜିତ ପରିଡା। ସୁଜିତଙ୍କ ସ୍ତ୍ରୀ ଗତଥର କାଉନସିଲର ଥିଲେ। ତାଙ୍କ ବାପା ଅକ୍ଷୟ ପରିଡା ୨ ଥର କାଉନସିଲର ଥିଲେ। ଏଥର ବିଜେଡି ଟିକେଟରୁ ବଞ୍ଚିତ ହେବାରୁ ସେ ବିଦ୍ରୋହୀ ଭୂମିକାରେ ଅଛନ୍ତି। ପ୍ରଫୁଲ୍ଲ ଜଣେ ଆଗଧାଡ଼ିର ମୁରବି ଭାବେ ଜଣାଶୁଣା। ନବ ଶାସକ ବିଜେଡିର ଲୋକପ୍ରିୟ ଚେହେରା। ଉକ୍ତ ୱାର୍ଡର ସୀମା ୧୭, ୧୮ ୱାର୍ଡ ଭିତରେ ରହିଛି। ଏମିତି ସ୍ଥିତିରେ ଏବେ ତ୍ରିମୁଖୀ ଲଢ଼େଇ ହେଉଛି।


ପାରାଦୀପ ପୌରାଞ୍ଚଳର ଷଣ୍ଢକୁଦ ବସ୍ତିରେ ପାରମ୍ପରିକ ଆଦିବାସୀ ନୃତ୍ୟ ମାଧ୍ୟମରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚାଲିଛି।

# ଅବୁଝା ପ୍ରାର୍ଥୀ ବିଜେଡି ପାଇଁ କଣ୍ଟା







ବିଜେଡି, ଭାଜପା, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର କରୁଛନ୍ତି।

**ନୟାଗଡ଼ ଅଫିସ/ରଣପୁର, ୧୬।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଏନ୍ଏସିରେ ଅଧ୍ୟକ୍ଷ ପଦବୀ ପାଇଁ ବିଜେଡିରୁ ରଙ୍ଗିନ ମହାନ୍ତି, ଭାଜପାରୁ ସୁପ୍ରିୟା ମହାପାତ୍ର, କଂଗ୍ରେସରୁ ସୁଚିତ୍ରା ମଲ୍ଲ, ସ୍ୱାଧୀନ ପ୍ରାର୍ଥୀ ଭାବେ ମଧୁସ୍ମିତା ପ୍ରହରାଜ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଇତିମଧ୍ୟରେ ନିର୍ବାଚନ ପ୍ରଚାର ଜୋର ଧରିଛି । ପ୍ରାର୍ଥୀମାନେ ନିଜ ସମର୍ଥକ ଓ ନେତାମାନଙ୍କ ସହିତ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ବୁଲି ବୁଲି ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି । ପଥପ୍ରାନ୍ତ ସଭା,ଶୋଭାଯାତ୍ରା ସହିତ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ଭିକ୍ଷା କରୁଛନ୍ତି। ଏପରି ପରିସ୍ଥିତିରେ ବିଜେଡି ତା’ର ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀଙ୍କୁ ବୁଝାଇବାରେ ସଫଳ ହୋଇନାହିଁ । ଏହା ବିଜେଡି ପାଇଁ କଣ୍ଟା ସାଜିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି । ଅନ୍ୟପକ୍ଷେ ବିଜେଡିର ଗଡ଼କୁ ଭାଙ୍ଗିବାକୁ ଭାଜପା ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି ।

୧୫ ୱାର୍ଡକୁ ନେଇ ରଣପୁର ଏନ୍ଏସି ଗଠିତ । ୧୩।୧୧।୨୦୧୪ରେ ଏନ୍ଏସି ଗଠନ ହେବାପରେ ଗୋଟିଏ ଥର ନିର୍ବାଚନ ହୋଇଛି । ଏହାର ଅଧ୍ୟକ୍ଷ ପଦ ବିଜେଡି ଦଖଲ କରିଥିଲା । ୨୦୨୨ ନିର୍ବାଚନରେ ରଣପୁର ଏନ୍ଏସିକୁ ଦଖଲ କରିବାକୁ ବିଜେଡି ଗୋଟିଚାଳନା କରିଛି । ତେବେ ବିଜେଡି ତା’ର ଘର ସଜାଡିବାରେ ସଫଳ ହୋଇନାହିଁ। ବିଜେଡିର ପୂର୍ବତନ ଭାଇସ ଚେୟାରମ୍ୟାନ ପ୍ରିୟବ୍ରତ ପ୍ରହରାଜଙ୍କ ସ୍ତ୍ରୀ ମଧୁସ୍ମିତା ପ୍ରହରାଜ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି । ମଧୁସ୍ମିତା ବିଜେଡି ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। ଏପରି କି ଲବି ବି କରିଥିଲେ। ହେଲେ ଦଳୀୟ ଟିକେଟ ରଙ୍ଗିନ ମହାନ୍ତିଙ୍କୁ ମିଳିବା ପରେ ମଧୁସ୍ମିତା ବିଦ୍ରୋହୀ ପ୍ରାର୍ଥୀଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ମଧୁସ୍ମିତା ଓ ସ୍ୱାମୀ ପ୍ରିୟବ୍ରତ ଭୋଟ ପ୍ରଚାରରେ ଲାଗି ପଡିଛନ୍ତି । ବିଜେଡି ଓ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ଏଠାରେ ପ୍ରଚାରରେ ଆଗୁଆ ଅଛନ୍ତି । ଅନ୍ୟପକ୍ଷେ ଭାଜପା ପ୍ରଚାରରେ ପଛୁଆ ନାହିଁ। ରଣପୁର ବ୍ଲକର ୨୩ ନଂ. ଜିଲା ପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀ ବିଜୟୀ ହେବା ଓ ରଣପୁର ବ୍ଲକ ଅଧ୍ୟକ୍ଷ ପଦକୁ ଭାଜପା ଦଖଲ ପରେ କର୍ମୀ, ସମର୍ଥକ ଓ ନେତାଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବଢ଼ିଛି । ରଣପୁର ଏନ୍ଏସିକୁ ଦଖଲ କରିବାକୁ ଭାଜପା ଜୋରଦାର ଉଦ୍ୟମ କରୁଛି। ବିଜେଡି ଅସନ୍ତୁଷ୍ଟଙ୍କୁ କାବୁ କରି ସଫଳତା ପାଇବା ପାଇଁ ଭାଜପା କସରତ ଚଳାଇଛି। ସେହିପରି ଭାଜପା ପ୍ରାର୍ଥୀ ସୁପ୍ରିୟା ମହାପାତ୍ର ଘରକୁ ଘର ବୁଲି ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି । ରଣପୁର ଏନ୍ଏସିରେ ବିଭିନ୍ନ ସମସ୍ୟା ରହିଛି । ଭାଜପା କ୍ଷମତାକୁ ଆସିଲେ ଲୋକଙ୍କ ସର୍ବନିମ୍ନ ସୁବିଧା ପୂରଣକୁ ପ୍ରାଥମିକତା ଦେବ ବୋଲି ପ୍ରାର୍ଥୀ ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି । ତେବେ ଭୋଟ ପ୍ରଚାରରେ କଂଗ୍ରେସ ପ୍ରାର୍ଥୀ ସୁଚିତ୍ରା ମଲ୍ଲ ଦେଖିବାକୁ ମିଳୁନାହାନ୍ତି । ସୁଚିତ୍ରାଙ୍କ ସ୍ୱାମୀ ୱାର୍ଡକୁ ୱାର୍ଡ ବୁଲି ସୁଚିତ୍ରାଙ୍କ ପାଇଁ ଭୋଟ ପ୍ରଚାର କରୁଛନ୍ତି । ସୁଚିତ୍ରା ଅସୁସ୍ଥ ଥିବା ଜଣାପଡିଛି। ଖୁବ୍‌ଶୀଘ୍ର ସେ ପ୍ରଚାରରେ ସାମିଲ ହେବେ ବୋଲି ଖବର ମିଳିଛି।

**ରଣପୁର ଏନ୍ଏସି ଅଧ୍ୟକ୍ଷ ନିର୍ବାଚନ**

- ୪ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର
- ଗଡ଼ ଦଖଲ ପାଇଁ ଭାଜପାର ଉଦ୍ୟମ

## ସଂକ୍ଷେପରେ

### ୬୦କେଜି ଶମ୍ବର ମାଂସ ଜବତ

**ନୟାଗଡ଼ ଅଫିସ/ଗଣିଆ,୧୬।୩ (ଡି.ଏନ୍.ଏ.):** ଗଣିଆ ବନାଞ୍ଚଳ ଅଧୀନ ଆଡ଼କଟା ପଞ୍ଚାୟତ ତାମରଝୋଲା ଗ୍ରାମ ନିକଟ ମାଟିଆ ଜଙ୍ଗଲରୁ ବନ ବିଭାଗ କର୍ମଚାରୀମାନେ ବୁଧବାର ୬୦ କେଜି ସମ୍ବର ମାଂସ ଜବତ କରିଛନ୍ତି । ବନାଞ୍ଚଳ ଅଧିକାରୀ ସୋନାଲି ସିଓଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳେ ଗଣିଆ ବନାଞ୍ଚଳ ଅଧିକାରୀଙ୍କ ସମେତ ବନପାଳ ଶିଶିର ସାହୁ, ବନରକ୍ଷୀ ନୀଳମଣି ଦଳେଇ,ସନ୍ତୋଷ ପ୍ରଧାନ ଓ ପାରା କର୍ମଚାରୀମାନେ ମାଟିଆ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଜଙ୍ଗଲରେ ସମ୍ବର ମାଂସ ପଡିଥିବା ଦେଖିଥିଲେ । ବନବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ଫେରାର ହୋଇଯାଇଥିଲେ। ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରୁ ୬୦କେଜି ମାଂସ ଜବତ କରିଥିଲେ । ସେହି ମାଂସକୁ ପୋତି ଦିଆଯାଇଛି ।

### ଅଟୋ କର୍ମଚାରୀ ସଂଘ ପକ୍ଷରୁ ଜଳଛତ୍ର



**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ସହର ରଥଗଡ଼ା ଛକରେ ମହାଦେବ ଅଟୋ ଓ କାର ଚାଳକ ସଂଘ ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଓ ଦହି ପାଣିର ବ୍ୟବସ୍ଥା କରାଯାଇଥିବା ସଂଘର ସଭାପତି ସନ୍ତୋଷ କୁମାର ପ୍ରଧାନ, ଉପସଭାପତି ଧିରେନ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

### ରକ୍ତଦାନ ଶିବିର, ୪୧ ୟୁନିଟ୍ ସଂଗ୍ରହ



**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.):** ଖଣ୍ଡପଡ଼ା କୋଭିଡ ଯତ୍ନ କେନ୍ଦ୍ର ପରିସରରେ କରୋନା ଯୋଦ୍ଧାମାନଙ୍କ ଦ୍ୱାରା ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରର ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୋଭିଡ ଯତ୍ନ କେନ୍ଦ୍ର ମୁଖ୍ୟ ଡ.ପ୍ରଦୀପ କୁମାର ପାଇକରାୟ ଆୟୋଜିତ ଶିବିର ପରିଚାଳନା କରିଥିଲେ। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେହେରା ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ନୟାଗଡ଼ ରକ୍ତ ଭଣ୍ଡାର ଡାକ୍ତର ମଧୁସ୍ମିତା ଦାସ, କାଉନସିଲର ଅଜୟ ପଟ୍ଟନାୟକ ପ୍ରମୁଖ ଶିବିରରେ ଉପସ୍ଥିତି ଥିଲେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ଓଡ଼ଗାଁ,୧୬।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅଞ୍ଚଳରୁ ରାଜସ୍ୱ ବିଭାଗ ଚଢ଼ାଉ କରି ବାଲି ବୋଝେଇ ଟ୍ରାକ୍ଟର ଓ ମାଟି ବୋଝେଇ ଗାଡ଼ିକୁ ଜବତ କରିଛ । ଏହି ଘଟଣାରେ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ପୂର୍ବରୁ ବେଆଇନ ବାଲି ଓ ମାଟି ଚାଲାଣ ଚାଲିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଓଡ଼ଗାଁ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସମୟରେ ଚଢ଼ାଉ କରାଯାଇଛି । ବୁଧବାର ବେଆଇନ ଭାବେ ଟ୍ରାକ୍ଟରରେ ବାଲି ଓ ମାଟି ଚୋରା ଚାଲାଣ ହେଉଥିବା ଖବର ପାଇ ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରାଯାଇଥିଲା । ଏହି ଟିମ୍ ଆରଡ଼ାଠାରେ ଏକ ବାଲି ଓ ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ । ବେଆଇନ ଚାଲାଣ କରୁଥିବା ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ବିଜୟିତା ସାମନ୍ତସିଂହାର ସୂଚନା ଦେଇଛନ୍ତି । ଆଜିର ଚଢ଼ାଉ ସମୟରେ ଓଡ଼ଗାଁ ରାଜସ୍ୱ ନିରୀକ୍ଷକ ବଳରାମ ପ୍ରଧାନ,କୋମଣ୍ଡ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପରିଡ଼ା ପ୍ରମୁଖ ସାମିଲ ଥିଲେ । ଟ୍ରାକ୍ଟର ଦୁଇଟି କରଡା ଓ ହରିହରପୁର ଅଞ୍ଚଳର ବୋଲି ଜଣାପଡିଛି।

## ଅଧ୍ୟକ୍ଷା ପଦବୀ ହାତେଇବାକୁ ସବୁ ଦଳର ପ୍ରୟାସ

**ଫୁଲବାଣୀ ଅଫିସ, ୧୬।୩**

ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ପଦବୀ ହାତେଇବା ଲାଗି ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ଜୋରଦାର ପ୍ରୟାସ ଚାଲିଛି । ହେଲେ ଏଠାରେ ତ୍ରିମୁଖୀ ନୁହେଁ ଦ୍ୱିମୁଖୀ ଶାସକ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ଅଧ୍ୟକ୍ଷା ପଦବୀ ଲାଗି ବିଜେଡି ପ୍ରାର୍ଥିନୀ ପୁନମ କହଁର ଏବଂ କଂଗ୍ରେସ ପ୍ରାର୍ଥିନୀ ସବିତା ମହାନ୍ତି ସେମାନଙ୍କ ସମର୍ଥକଙ୍କୁ ଧରି ପ୍ରଚାର ଚଳାଇଛନ୍ତି। ଶାସକ ଦଳରେ ପୁନମଙ୍କ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଏମ୍‌ପି ଅଚ୍ୟୁତ ସାମନ୍ତ, ସହ ପର୍ଯ୍ୟବେକ୍ଷକ କିଶୋର ମେହେର ପ୍ରଚାର ମଙ୍ଗ ଧରିଛନ୍ତି। କଂଗ୍ରେସ ପକ୍ଷରୁ ଜିଲା ପ୍ରଭାରୀ ବିସ୍ମୟ ମହାପାତ୍ର, ଜିଲା ସଭାପତି ଅନାମ ନାୟକ, ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଚନ୍ଦ୍ରଶେଖର ପରିଡା, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା ସେମାନଙ୍କ ସମର୍ଥକଙ୍କୁ ଧରି ପ୍ରଚାର କରୁଛନ୍ତି। ବୁଧବାର କଂଗ୍ରେସ ୬ନଂ. ୱାର୍ଡରେ ପ୍ରଚାର ଜୋରଦାର କରିଛି । ଅନୁରୂପ ଭାବେ ବିଜେଡି ମଧ୍ୟ ପ୍ରଚାର କାର୍ଯ୍ୟରେ ଆଗୁଆ ରହିଛି । ପ୍ରାୟ ସମସ୍ତ ୱାର୍ଡରେ ପ୍ରଚାର ଏବଂ ଭୋଟ ହାତେଇବାକୁ ଦଳ ଉଦ୍ୟମ ଜାରି ରଖିଛି।

ଅନ୍ୟପଟେ ଭାଜପାର କେହି ରାଜ୍ୟ ସ୍ତରୀୟ ନେତା ପ୍ରଚାରକୁ ଓହ୍ଲାଇ ନ ଥିଲେ ମଧ୍ୟ ଅଧ୍ୟକ୍ଷା ପ୍ରାର୍ଥୀ ସ୍ମିତା ମହାନ୍ତି ଦଳୀୟ ସମର୍ଥକ ଏବଂ ଜିଲାର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଭୋଟଭିକ୍ଷା କରୁଛନ୍ତି। ବିଜେଡିର ଗୋଷ୍ଠୀ କନ୍ଦଳ ଦୂର ହୋଇଥିବା କୁହାଯାଉଥିଲେ ହେଁ ତାହା ଦଳ ପାଇଁ ବୁମେରାଂ ସାଜିବ ବୋଲି ଅନୁମାନ କରାଯାଉଛି । ସେହିପରି ଭାଜପାର ଗୋଷ୍ଠୀ କନ୍ଦଳ ଦଳକୁ ତଳ ସ୍ତରକୁ ନେଇଯାଇଛି । କଂଗ୍ରେସ ତାର ନିଜସ୍ୱ ଭୋଟ ବ୍ୟାଙ୍କ ସହ ବିପକ୍ଷ ବିରୋଧୀଙ୍କୁ ଧରି ଏହି ଆସନ ହାତେଇବ ବୋଲି ପୂର୍ବାନୁମାନ କରାଯାଉଛି।

## ନୀଳମାଧବ ପୀଠରେ ନୀଳବ୍ରହ୍ମ କର୍ମଶାଳା

**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.)**



କର୍ମଶାଳାରେ ଯୋଗଦେଇଥିବା ଶିଳ୍ପୀମାନେ ।

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ । କଣ୍ଟିଲୋ ମହାନଦୀ ତଟ ଦେଶ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ପ୍ରଭୁଶ୍ରୀ ନୀଳମାଧବ ଜୀଉଙ୍କ ଐତିହ ସମ୍ପର୍କରେ,ଜଗନ୍ନାଥଙ୍କ ଦାରୁ ପାଇଁ ଉର୍ଦ୍ଦିଷ୍ଟ ନିମ୍ବକାଠ ଗଣ୍ଡିରେ ବିଭିନ୍ନ ଚିତ୍ରକଳା ପ୍ରସ୍ତୁତି ନେଇ ଏକ ୨ଦିନିଆ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ନୀଳମାଧବ ଜୀଉଙ୍କ ଦୋଳ ବେଦୀଠାରେ ଆୟୋଜିତ ଏହି ନୀଳବ୍ରହ୍ମ କର୍ମଶାଳାରେ ଦେଶବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ଶଶୀକାନ୍ତ ରାଉତ,ଉଷା ମିଶ୍ର,ପ୍ରଦୋଷ ସ୍ୱାଇଁ,ବଳଦେବ ମହାରଣା,ଦୁର୍ଯ୍ୟୋଧନ ପରମଗୁରୁ,ଅଶୋକ ରଥ,ସନ୍ତୋଷ ମହାରଣା ପ୍ରମୁଖ ୧୬ଜଣ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରି ପ୍ରଥମେ ଶ୍ରୀନୀଳମାଧବ ଜୀଉଙ୍କ ଆଜ୍ଞାମାଳ ପ୍ରାପ୍ତି ହୋଇ ନିଜର ଭାବନା କ୍ରମେ ଶ୍ରୀଜୀଉଙ୍କ ବିଭିନ୍ନ ଚିତ୍ରକଳା ପ୍ରସ୍ତୁତି କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୀଳମାଧବଙ୍କ ସମ୍ପର୍କରେ ଗବେଷଣାରତ ପ୍ରଫୁଲ୍ଲ ମିଶ୍ର,ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ର,ସଦସ୍ୟ ନୀଳମାଧବ ମିଶ୍ର ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ,ଗତବର୍ଷ ପୁରୀ ଶ୍ରୀମନ୍ଦିର ନିକଟରେ ଉକ୍ତ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ‘ବ୍ରହ୍ମଦାରୁ ସ୍ମରାମୀ’ ନାମରେ କର୍ମଶାଳା ଆୟୋଜନ କରାଯାଇଥିଲା । ଆସନ୍ତା ୧୮ରେ କଟକସ୍ଥିତ ରବି ରଥ ସେଣ୍ଟର ଅଫ୍ ଆର୍ଟ ପରିସରରେ ଏହି ନୀଳବ୍ରହ୍ମ କର୍ମଶାଳା ଆୟୋଜିତ ଓ ପ୍ରଦର୍ଶିତ ହେବ । ଏହି ଅବସରରେ ସମ୍ପୃକ୍ତ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ ରବିନାରାୟଣ ରଥ ସୂଚନା ଦେଇଛନ୍ତି ।

## ଶ୍ରୀଜୀଉଙ୍କ ଦୋଳ ପରିକ୍ରମା

**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.)**



ଶ୍ରୀନୀଳମାଧବ

ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଶୁକ୍ରବାର ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ । ପୁରୀ ଶ୍ରୀମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ମଧ୍ୟ ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ପବିତ୍ର ଦୋଳଯାତ୍ରା ୩ ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉ ଦୟଣାଚୋରି ବଗିଚାକୁ ଦୋଳ ପୂଜା ପାଇଁ ବିଜେ ହୋଇଥାନ୍ତି । ବୁଧବାର ସନ୍ଧ୍ୟାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତୀ ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରୀ ବଗିଚାକୁ ଯାଇଥିଲେ । ଦୋଳନୀତି ସମ୍ପନ୍ନ ପରେ ରାତି ପ୍ରାୟ ୯ ଟାରେ ଗ୍ରାମ ପରିକ୍ରମା କରି ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରୀ ଭୋଗ ଖାଇଥିଲେ । ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମବାସୀ ନିଜ ନିଜ ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇଥିଲେ ।

## ଇଶାନୀ ଟିମ୍ ଚାମ୍ପିୟନ

**ଦଶପଲ୍ଲା,୧୬।୩(ଡି.ଏନ.ଏ.)**

**ଦଶପଲ୍ଲା ପ୍ରିମିୟର ଲିଗ୍ ଉଦ୍‌ଯାପିତ**



ଦଶପଲ୍ଲା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇଶାନୀ ଏପିକ୍ ବ୍ଲାଷ୍ଟର୍ ଓ ସିଲେକ୍ସନ ୱାରିୟର୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସିଲେକ୍ସନ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ଇଶାନୀ ଟିମ୍ ୧୩.୪ ଓଭରରେ ୯ ଉଇକେଟ ହରାଇ ୧୧୪ ରନ୍ କରି ଚଳିତ ସଂସ୍କରଣର ଚାମ୍ପିୟନ ହୋଇଛି । ସୁକାନ୍ତ ବଳିଆର ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ । ଫାଇନାଲ ମ୍ୟାଚ୍‌କୁ ଜିତେନ୍ଦ୍ର ସ୍ୱାଇଁ ଓ ରାକେଶ ମହାପାତ୍ର ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବ୍ଲକର ନବ ନିର୍ବାଚିତା ଅଧ୍ୟକ୍ଷା ସୁନନ୍ଦା ସାହୁ ,ପୂର୍ବତନ ବ୍ଲକ ସଭାପତି ଉପେନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ବୈକୁଣ୍ଠନାଥ ପରିଡ଼ା, ବରିଷ୍ଠ କ୍ରୀଡାବିତ୍ ଶତ୍ରୁଘ୍ନ ସିଂହ ଯୋଗ ଦେଇଥିଲେ । ଅତିଥିମାନେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦେବା ସହ ବିଜୟୀ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଏବଂ ଉପ ବିଜୟୀ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ । କ୍ଲବର ସଦସ୍ୟ କାଳୀ ଚରଣ ସାହୁ , ସନିଆ ବିଜୟ, ରାଜେଶ ମହାନ୍ତି , ଶୁଭାଶିଷ ସାହୁଙ୍କ ଉପସ୍ଥିତିରେ ପରିଚାଳକ ତ୍ରିନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ ଭାରତ ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୫ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୭୦ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରଶିକ୍ଷକ ଭାବେ ଡ.ରବିନ୍ଦ୍ର କୁମାର ସାହୁ , ଶିକ୍ଷକ ବସନ୍ତ କୁମାର ସାହୁ, ଦିଲ୍ଲୀପ କୁମାର ସାହୁ, ସନ୍ତୋଷ କୁମାର ସାହୁ, ନୀଳକଣ୍ଠପ୍ରସାଦ ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବା, ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ସେବନ ନିମନ୍ତେ ପରାମର୍ଶ ଦେବା, ସ୍ୱାସ୍ଥ୍ୟ ଖରାପ ହେଲେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ବୃନ୍ଦ ।

## କେୟାର ଡାଇଗ୍ନୋଷ୍ଟିକ ସେଣ୍ଟର ପଞ୍ଜୀକରଣ ରଦ୍ଦ ହେବ

**ନୟାଗଡ଼ ଅଫିସ,୧୬।୩**

ଗର୍ଭଧାରଣ ପୂର୍ବ ଏବଂ ଜନ୍ମପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ୧୯୯୪ ପିସିପିଏନଡିଟି ଉପରେ ପରାମର୍ଶ ସମିତିର ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ମିନି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲାରେ ଚାଲୁଥିବା ସମୁଦାୟ ୯ ଅଲଟ୍ରାସାଉଣ୍ଡ୍ କ୍ଲିନିକ୍‌ର ସ୍ଥିତି, କାର୍ଯ୍ୟକାରିତା ଉପରେ ଆଲୋଚନା ଏବଂ ସମୀକ୍ଷା କରାଯାଇଥିଲା। ୯ ଅଲଟ୍ରାସାଉଣ୍ଡ୍ କ୍ଲିନିକ୍ ମଧ୍ୟରୁ ରଶ୍ମି ଡାଇଗ୍ନୋଷ୍ଟିକ୍ ଏବଂ କେୟାର ଡାଇଗ୍ନୋଷ୍ଟିକ୍ ଦୀର୍ଘ ଦିନରୁ ବନ୍ଦ ହୋଇ ରହିଛି। ଏହି ୨ କ୍ଲିନିକ୍‌ର ପଞ୍ଜୀକରଣ ରଦ୍ଦ ଉପରେ ଆଲୋଚନା ହୋଇଥିଲା। ରଶ୍ମି ଡାଇଗ୍ନୋଷ୍ଟିକ୍‌ର କେଶ କୋର୍ଟରେ ଚାଲିଥିବାରୁ ପଞ୍ଜୀକରଣ ରଦ୍ଦ ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରିନାହିଁ। ତେବେ କେୟାର ଡାଇଗ୍ନୋଷ୍ଟିକ୍ ପଞ୍ଜୀକରଣ ରଦ୍ଦ ଉପରେ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷେ ସଞ୍ଜିବନୀ ଡାଇଗ୍ନୋଷ୍ଟିକ୍ ପଞ୍ଜୀକରଣ ଅବଧି ସମାପ୍ତ ହୋଇଯାଇଛି । ହେଲେ କୋର୍ଟ ନିର୍ଦ୍ଦେଶ ବଳରେ ଏହା ଚାଲୁଛି । ଚାନ୍ଦପୁରରେ ଚାଲୁଥିବା ବସନ୍ତ ମଞ୍ଜରୀ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ୍ ବିଭାଗରେ ଡା. ସ୍ୱାଗତିକା ମାଡାମଙ୍କୁ ଦାୟିତ୍ୱରେ ରଖି ସୂଚାରୁରୂପେ ଅଲଟ୍ରାସାଉଣ୍ଡ୍ ଚଳାଇବା ନିମନ୍ତେ ଜିଲାପାଳ ଡା. ଟୁଡୁ ନିର୍ଦ୍ଦେଶ ଦେଇଛନ୍ତି । ଅଲଟ୍ରାସାଉଣ୍ଡ୍ କ୍ଲିନିକର ସମସ୍ତ ପଞ୍ଜୀକରଣ ଅନ୍‌ଲାଇନରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁସାରେ କରିବା ପାଇଁ ନିଷ୍ପତ୍ତି ହୋଇଛି । ସନ୍‌ଆପୋଲୋ ଡାଇଗ୍ନୋଷ୍ଟିକ ଅଲଟ୍ରାସାଉଣ୍ଡ୍ କ୍ଲିନିକ୍‌ର ପୁନଃ ନବୀକରଣ ଅନଲାଇନ୍ ଦରଖାସ୍ତକୁ ଅନୁମୋଦନ କରାଯାଇଛି । ନୟାଗଡ଼ ଜିଲାରେ ୨୦୧୧ ଜନଗଣନା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜନ୍ମିତ କନ୍ୟା ଶିଶୁ ସଂଖ୍ୟାର ଅନୁପାତ ହାର ରାଜ୍ୟସ୍ତରଠାରୁ କମ୍ ରହୁ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଅଲଟ୍ରାସାଉଣ୍ଡ୍ କ୍ଲିନିକର ମାଲିକମାନେ କ୍ଲିନିକର ସମସ୍ତ ଦସ୍ତାବିଜ୍‌କୁ ସାଇତି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିମାସ ୫ତାରିଖ ସୁଦ୍ଧା କ୍ଲିନିକର ଆନୁଷଙ୍ଗିକ ତଥ୍ୟ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ପ୍ରୋ ଫର୍ମାରେ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଅବହେଳା କଲେ ପଞ୍ଜୀକରଣ ରଦ୍ଦ କରିବା ପରି କାର୍ଯ୍ୟାନୁଷ୍ଠାନ ହେବ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିସ୍ୱାର୍ଥର ସମ୍ପାଦକ ଅରୁଣ କୁମାର ମହାନ୍ତି , ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ କୁମାର ଦିକ୍ଷିତ୍ , ଭେଷଜ ବିଶେଷଜ୍ଞ ଡା. ଶତ୍ରୁଘ୍ନ ନାୟକ, ସ୍ତ୍ରୀରୋଗ ବିଶେଷଜ୍ଞ ଡା.ସୁଧାଂଶୁ ଶେଖର ଷଡ଼ଙ୍ଗୀ,ଜିଲା ପରିଚାଳକ(ଆଇନ୍) ଅଜିତ କୁମାର ପାଣିଗ୍ରାହୀ, ଉପସହାୟକ କିଶୋର ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

**ପିସି ପିଏନ୍‌ଡିଟି ପରାମର୍ଶ ସମିତି ବୈଠକ**

- ୫ତାରିଖ ସୁଦ୍ଧା କ୍ଲିନିକର ପ୍ରୋଫର୍ମା ନ ପହଞ୍ଚିଲେ କାର୍ଯ୍ୟାନୁଷ୍ଠାନ

## ସଂକ୍ଷେପରେ

### ପୌର ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

**ନୟାଗଡ଼ ଅଫିସ,୧୬।୩:** ଡିଆରଡିଏ ଟ୍ରେନିଂ ହଲରେ ପୌର ପରିଷଦ ନିର୍ବାଚନ ପାଇଁ ଏକ ସର୍ବଦଳୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପୋମା ଟୁଡୁ ଅଧକ୍ଷତା କରିଥିଲେ । ନିର୍ବାଚନ ପର୍ଯ୍ୟବେକ୍ଷକ(ସାଧାରଣ) ଧନଞ୍ଜୟ ସ୍ୱାଇଁ ଯୋଗ ଦେଇ ନିର୍ବାଚନ ଆଚରଣ ବିଧି ଉପରେ ବୁଝାଇ ଥିଲେ । ନିର୍ବାଚନ ଆଚରଣ ବିଧି ମାନି ଚଳିବାକୁ ସେ ଦଳୀୟ କର୍ମୀ ଓ ନେତାଙ୍କୁ ପରାମର୍ଶ ଦେଇଥିଲେ । ପରେ ନିର୍ବାଚନ ପର୍ଯ୍ୟବେକ୍ଷକ(ଖର୍ଚ୍ଚ) ବାବୁଲାଲ ପାତ୍ର ଅଧକ୍ଷ ପ୍ରାର୍ଥୀମାନେ ସର୍ବାଧିକ ୨ଲକ୍ଷ ଟଙ୍କା ଏବଂ କାଉନସିଲର ପ୍ରାର୍ଥୀମାନେ ସର୍ବାଧିକ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ। ପ୍ରାର୍ଥୀମାନେ ପ୍ରତିଦିନ ଖର୍ଚ୍ଚର ହିସାବ ତାଲିକା ନିର୍ଦ୍ଧାରିତ ଫର୍ମରେ ନିର୍ବାଚନ କମିଶନଙ୍କୁ ଅବଗତ କରାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ନିର୍ବାଚନକୁ କୋଭିଡ୍ ଗାଇଡ୍ ଲାଇନ ମାଧମରେ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଅ. ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ,ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଗ୍ନଜିତ ରାଉତ୍, ବିଭିନ୍ନ ରାଜନୈତିକ ଦଳର ସଦସ୍ୟ,ପ୍ରାର୍ଥୀ ,ନେତା ଯୋଗ ଦେଇଥିଲେ ।

### ନିର୍ବାଚନ ପରବର୍ତ୍ତୀ ହିଂସା: ୬ ଆହତ, ପାଟୁଳିସାହିରେ ଉତ୍ତେଜନା

**ନୟାଗଡ଼ ଅଫିସ,୧୬।୩:** ଶରଣକୁଳ ଥାନା ପାଟୁଳିସାହି ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି । ଏଥିରେ ଦୁଇ ଗୋଷ୍ଠୀ ମଧରେ ମାରପିଟି ହୋଇ ୬ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧରୁ ପଡିଆ ପ୍ରଧାନ ଓ ଗଣେଶ ବିଶ୍ୱାଳଙ୍କ ଅବସ୍ଥା ଗୁରୁତର ଅଛି। ପଡିଆ ଓ ଗଣେଶଙ୍କୁ ପ୍ରଥମେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ନୟାଗଡ ଜିଲା ମୁଖ୍ୟ ଚିକତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଗଣେଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଛି । ପାଟୁଳିସହିରେ ବୁଧବାର ତାସ ଖେଳ ସମୟରେ ବିବାଦ ଉପୁଜିଥିଲା। ପରେ ଦୁଇ ଗୋଷ୍ଠୀଙ୍କ ମଧରେ ସଂଘର୍ଷ ଘଟିଥିଲା । ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ଘଟଣାର ତଦନ୍ତ କରୁଛି।

### ଶିକ୍ଷାବୃତ୍ତି ଦେବା ନାଁରେ ଆଦିବାସୀ ଛାତ୍ରଙ୍କୁ ଠକେଇ

**ପାତ୍ରପୁର,୧୬।୩(ଡି.ଏନ.ଏ.):** ସରକାର ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଲାମାନଙ୍କ ପାଇଁ ଶିକ୍ଷାବୃତ୍ତି ସହାୟତା ପ୍ରଦାନ କରିଆସୁଥିବା ବେଳେ ଏହାର ସୁଯୋଗ ନେଇ ଜଣେ ଲୋକ ଆଦିବାସୀ ଅଞ୍ଚଳରେ କେତେଜଣ ଛାତ୍ରଙ୍କୁ ଠକିଥିବା ଜଣାପଡିଛି। ଓଲମା ଗ୍ରାମର ଛାତ୍ର ଲିମା ଶବର ଦୁଇ ହଜାର, ପିତବାସ ଶବର ୧୫୦୦, ସେହିପରି ନରସିଂହ ଦଳେଇ ଏକ ହଜାର ଟଙ୍କା ଶିକ୍ଷାବୃତ୍ତି କରିବା ନାମରେ ଠକାମିର ଶିକାର ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

## କାଷ୍ଠ ଅର୍କକ୍ଷେତ୍ର

# ବିରଞ୍ଚି ନାରାୟଣ ମନ୍ଦିର

**କାଳୀ ଚରଣ ଦାଶ**
**ବୁଗୁଡ଼ା,୧୬।୩(ଡି.ଏନ.ଏ.)**

ପ୍ରସ୍ତରର କାରୁକାର୍ଯ୍ୟରେ ନିର୍ମିତ ବିଶ୍ୱପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟମନ୍ଦିର ପ୍ରଥମ ଅର୍କକ୍ଷେତ୍ର ହୋଇଥିବା ବେଳେ ଗଞ୍ଜାମ ଜିଲା ବୁଗୁଡ଼ାରେ କାଷ୍ଠ କାରୁକାର୍ଯ୍ୟରେ ନିର୍ମିତ ସୂର୍ଯ୍ୟ ଅର୍ଥାତ୍ ଶ୍ରୀବିରଞ୍ଚି ନାରାୟଣଙ୍କ ମନ୍ଦିର ଦ୍ୱିତୀୟ ଅର୍କକ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିଛି। କୋଣାର୍କ ଭଳି ବିରଞ୍ଚି ନାରାୟଣଙ୍କ ମନ୍ଦିରରେ ମଧ ପ୍ରସ୍ତର ନିର୍ମିତ ସୂର୍ଯ୍ୟ ନାରାୟଣଙ୍କ ମୂର୍ତ୍ତି ପୂଜା ପାଉଛନ୍ତି।

ବୁଗୁଡ଼ା ସହର ବଡ଼ଦାଣ୍ଡରେ ବିରଞ୍ଚି ନାରାୟଣ ମନ୍ଦିର। ଏହି ମନ୍ଦିର ଘୁମୁସରର ଭଞ୍ଜବଂଶୀୟ ରାଜା ଶ୍ରୀକର ଭଞ୍ଜଙ୍କ ଦ୍ୱାରା ୧୭୮୮ ମସିହାରେ ନିର୍ମିତ ହୋଇଥିଲା। ସେ ସମୟରେ ମନ୍ଦିରରେ ବିରଞ୍ଚି ନାରାୟଣଙ୍କ ଦାରୁମୂର୍ତ୍ତି, ଶିଳାମୂର୍ତ୍ତି ଓ ଧାତୁମୂର୍ତ୍ତି ପୂଜା ପାଇ ଆସୁଥିଲେ। ପରେ ରାଜା ଶ୍ରୀକର ଭଞ୍ଜ ମାଳତୀଗଡ଼ର ଇଷ୍ଟଦେବୀ ମା' ରତ୍ନେଶ୍ୱରୀଙ୍କ ଠାରୁ ସ୍ୱପ୍ନାଦେଶ ପାଇ ମାଳତୀ ପର୍ବତରେ ଅପୂଜ୍ୟ ହୋଇ ପଡ଼ିଥିବା ୬ଫୁଟ ଲମ୍ବା ବିଶିଷ୍ଟ ଦଣ୍ଡାୟମାନ ପ୍ରସ୍ତର ମୂର୍ତ୍ତିକୁ ଆଣି ବିରଞ୍ଚି ନାରାୟଣ ମନ୍ଦିରରେ ସ୍ଥାପନ କଲେ। ପ୍ରସ୍ତର ନିର୍ମିତ ବିରଞ୍ଚି ନାରାୟଣ ଅର୍ଥାତ୍ ସୂର୍ଯ୍ୟ ଦେବତାଙ୍କ ବ୍ୟତୀତ ମନ୍ଦିରର ନିମ୍ନାଂଶରେ ୭ଟି ଧାବମାନ ଅଶ୍ୱ ଓ ପୂର୍ବ ପାର୍ଶ୍ୱରେ ଗୋଟିଏ ମାତ୍ର ଚକ ରହିଛି, ଯାହାକି ସୂର୍ଯ୍ୟ ଦେବତାଙ୍କ ବିମାନ ଭଳି ପ୍ରତୀୟମାନ। ମନ୍ଦିରରେ ୪୮ଟି ସ୍ତମ୍ଭ ଅଛି। ମନ୍ଦିରର ନିମ୍ନଭାଗ ପ୍ରସ୍ତରରେ ତିଆରି ହୋଇଥିବା ବେଳେ ଉପର ଭାଗ ଛାତ ତାମ୍ର ଧାତୁ ପତ୍ର ଦ୍ୱାରା ଆଚ୍ଛାଦିତ। ମଝିରେ ମଝିରେ ପିତ୍ତଳ ଧାତୁ ନିର୍ମିତ କଣ୍ଟା ଏଥିରେ ବ୍ୟବହାର କରାଯାଇଛି। ମନ୍ଦିରର ନିମ୍ନାଂଶ ଓ ଛାତକୁ ଛାଡ଼ି ଦେଲେ ଭିତର ଅଂଶରେ କାଠ କାରୁକାର୍ଯ୍ୟ ହୋଇଥିବାରୁ ଏହାକୁ ଦ୍ୱିତୀୟ କାଷ୍ଠର କୋଣାର୍କ ବୋଲି କୁହାଯାଏ। ଶାଳ, ତାଳ ଓ ଗମ୍ଭାରୀ କାଠର କାରୁକାର୍ଯ୍ୟ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ମଣ୍ଡପର ଦକ୍ଷିଣ ପାର୍ଶ୍ୱରେ ଦଶଦିଗପାଳ, ନବଗ୍ରହ, ପଦ୍ମଧର, ଶଙ୍ଖଧର, ଦଶମହାବିଦ୍ୟା ମଧ କାଷ୍ଠରେ ତିଆରି ହୋଇଛନ୍ତି। ସେହିପରି ମନ୍ଦିରର ଉତ୍ତର ପାର୍ଶ୍ୱ ସମ୍ମୁଖ ପ୍ରାଚୀରରେ କାଷ୍ଠରେ ତିଆରି କୃଷ୍ଣ-ବଳରାମ ଝରକା,



ଶ୍ରୀ ବିରଞ୍ଚି ନାରାୟଣ ଠାକୁର ।

ନିମ୍ନାଂଶରେ ଧେପୁପଲ, ଉଭୟ ପାର୍ଶ୍ୱରେ ସୁବଳ, ସଖାଦଳ, ସୁଦାମ, ଅକ୍ରୁର, ଗଜଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି କାଠରେ ତିଆରି ହୋଇଛନ୍ତି। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟଗୁଡିକ ନିଖୁଣ, ଜୀବନ୍ତ ଭାବେ କାଷ୍ଠରେ ତିଆରି ହୋଇଛନ୍ତି। ତେବେ ୧୯୬୫ ମସିହାଠାରୁ ଏହି କୀର୍ତ୍ତିଗୁଡ଼ିକରେ ରଙ୍ଗ ଦିଆଯାଇ ନ ଥିବା ମନ୍ଦିର ମଠାଧୀଶ ପ୍ରକାଶ କରିଛନ୍ତି।

ଶ୍ରୀବିରଞ୍ଚି ନାରାୟଣଙ୍କ ବର୍ଷ ସାରା ପୂଜା, ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ହେଉଛି। ମାଘ ସପ୍ତମୀ, ଶାମ୍ବ ଦଶମୀ, କାର୍ତ୍ତିକ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ପୂଜାନୀତି ହେଉଛି। ମନ୍ଦିର ମଧରେ ଗଙ୍ଗା, ଯମୁନା ନାମରେ ଏକ ବାମ୍ଫ ରହିଛି, ଯାହାର ଜଳକୁ ଲୋକେ ପବିତ୍ର ଜଳ ଆକାରରେ ଗ୍ରହଣ



ମନ୍ଦିର ବେଢ଼ାରେ କାଠର କଳାକୃତି ।

କରିଥାନ୍ତି। ଯେଉଁମାନଙ୍କର ବିଇଞ୍ଚି ବା ଏକଜିମା କିମ୍ବା କୁଷ୍ଠ ହୋଇଥାଏ ସେମାନେ ଆରୋଗ୍ୟ ହେବା ପାଇଁ ଏଠାରେ ମାନସିକ କରି ମୁଣ୍ଡନ ହୁଅନ୍ତି ଏବଂ ବାଉଁଶ ତିଆରି ପାଛିଆ, ବାଇଗଣ, ମୁଗ, ବିରି, ସୋରିଷ ପୂର୍ଣ୍ଣ କରି ତାଳପତ୍ର ପଙ୍ଖା ସହ ଠାକୁରଙ୍କ ଠାରେ ସମର୍ପଣ କରିଥାନ୍ତି। ବିରି ମୁଗକୁ ବାମ୍ଫ ଜଳରେ ପକାଇ ମୁଣ୍ଡରେ ପାଣି ସିଞ୍ଚନ କରିଥାନ୍ତି। ଶ୍ରୀବିରଞ୍ଚି ନାରାୟଣଙ୍କର ପ୍ରାୟ ହଜାରେ ଏକର ଜମି ରହିଛି। ଅଧିକାଂଶ ଜମି ଲୋକଙ୍କ ପାଖରେ ଥିଲେ ମଧ ସେମାନେ ମନ୍ଦିରକୁ କିଛି ଦେଉନଥିବା ଯୋଗୁ ମନ୍ଦିରରେ ନୀତି ଓ ପର୍ବପର୍ବାଣି କରିବା କଷ୍ଟସାଧ ହେଉଛି। ବର୍ତ୍ତମାନ ମନ୍ଦିରର ମଠାଧୀଶଙ୍କ ଦ୍ୱାରା ପରିଚାଳିତ ୧୦୦ ଭରଣ ଜମିରୁ ଯାହା ଅମଳ ହେଉଛି ସେଥିରେ ଠାକୁରଙ୍କ ନୀତିକାନ୍ତି, ପୂଜା ଭୋଗ, ଯାତ୍ରା, ପର୍ବପର୍ବାଣି ଆଦି ହେଉଛି।

ଶ୍ରୀବିରଞ୍ଚି ନାରାୟଣ ମନ୍ଦିର ପର୍ଯ୍ୟଟନ କେନ୍ଦ୍ର ରୂପେ ସ୍ୱୀକୃତି ପାଇଥିଲେ ମଧ ପର୍ଯ୍ୟଟନ ବିଭାଗ ଓ କଳା ସ୍ଥାପତ୍ୟ ବିଭାଗ ଏହାର ଉନ୍ନତି ପ୍ରତି ଦୃଷ୍ଟି ଦେଉନାହାନ୍ତି। ପର୍ଯ୍ୟଟକ ଓ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ମନ୍ଦିରର ଉନ୍ନୟନ ଓ ଏହାର କାରୁକାର୍ଯ୍ୟର ପୁନରୁଦ୍ଧାର କରିବାକୁ ପର୍ଯ୍ୟଟନ ଓ କଳା ସ୍ଥାପତ୍ୟ ବିଭାଗ ଦୃଷ୍ଟି ଦିଅନ୍ତୁ ବୋଲି ମଠାଧିଶ ଭକ୍ତରାମ ଦାଶ କହିଛନ୍ତି। ସେହିପରି ମନ୍ଦିର କାରୁକାର୍ଯ୍ୟର ପୁନରୁଦ୍ଧାର ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି। ବିରଞ୍ଚି ନାରାୟଣ ମନ୍ଦିରର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ପର୍ଯ୍ୟଟନ ବିଭାଗ ଓ କଳା ସ୍ଥାପତ୍ୟ ବିଭାଗ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମିଶ୍ର କହିଛନ୍ତି।

# ବାର୍ଷିକ ଦିବସ ଘୋଷଣାକୁ ନେଇ ଫାଟକରେ ତାଲା

**ବ୍ରହ୍ମପୁର ଅଫିସ,୧୬।୩**

**ଖଲ୍ଲିକୋଟ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ଖଲ୍ଲିକୋଟ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳନ ଦାବିରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ବିଦ୍ୟାଳୟ ସମ୍ମୁଖ ଏବଂ ଅଧକ୍ଷଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଧାରଣା ଦେଇଥିଲେ। ବୁଧବାର ବିଦ୍ୟାଳୟରେ ବାର୍ଷିକ ଦିବସ ପାଳନ ପୂର୍ବରୁ ଛାତ୍ରମାନେ ପୁନର୍ବାର ଫାଟକ ସମ୍ମୁଖରେ ଧାରଣା ଦେଇ ଘଣ୍ଟାଏ ପର୍ଯ୍ୟନ୍ତ ତାଲା ପକାଇ ଥିଲେ। ଧାରଣାରତ ଛାତ୍ର କହିଛନ୍ତି,ବହୁବାର ଅନୁରୋଧ ଓ ଲିଖିତ ଭାବେ ଜଣାଇବା ପରେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳନ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ। ହଠାତ ମଙ୍ଗଳବାର ରାତିରେ ଛାତ୍ରୀଛାତ୍ରଙ୍କୁ ହ୍ୱାଟ୍‌ସ ଆପ୍‌ରେ ବୁଧବାର ବାର୍ଷିକ ଦିବସ ପାଳନ ନେଇ ମେସେଜ୍ ଆସିଥିଲା। ଯାହାଫଳରେ ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେନି। କଲେଜ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ଏସ୍‌ଆଇ ଜ୍ଞାନ ରଞ୍ଜନ ସେଠୀ ପହଞ୍ଚି ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଧାରଣାରୁ ହଟିଥିଲେ। ଏ ନେଇ ଅଧକ୍ଷ ଡ.ରାଧାକାନ୍ତ ନାୟକ କହିଛନ୍ତି, କରୋନା ପରଠାରୁ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଏବଂ ଉତ୍ସବ ପାଳନ ନିମନ୍ତେ ଅଦ୍ୟାବଧି ଅନୁମତି ମିଳି ନାହିଁ। ଏଣୁ ନିରାଡ଼ମ୍ବର ଭାବେ ବାର୍ଷିକ ଦିବସ ପାଳନ କରାଯାଉଛି। ମଙ୍ଗଳବାରଠାରୁ ବୋର୍ଡରେ ବାର୍ଷିକ ଦିବସ ପାଳନ ନୋଟିସ ଦିଆଯାଇଥିଲା। କିନ୍ତୁ କ୍ୟାମ୍ପସ ବାହାରେ କେତେକ ଅଣଛାତ୍ରଙ୍କ ପ୍ରରୋଚନାରେ ଛାତ୍ରମାନେ ମିଶି ଜାଣିଶୁଣି ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଶେଷ ସମୟରେ ନିଷ୍ପତ୍ତି ନିଆଯାଇଥିବା ଅଧକ୍ଷଙ୍କଠାରୁ ପ୍ରକାଶ।

## ନଦୀତଟରୁ ଶିଶୁପୁତ୍ର ଉଦ୍ଧାର

**ଗଞ୍ଜାମ,୧୬।୩(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କରପଡାଗ୍ରାମ ଶନି ମନ୍ଦିର ନିକଟ ଋଷିକୁଲ୍ୟା ନଦୀ ତଟରୁ ବୁଧବାର ଦେଢ଼ ବର୍ଷର ଶିଶୁ ପୁତ୍ରକୁ ଉଦ୍ଧାର କରି ଗ୍ରାମବାସୀ ଚାଇଲଡଲାଇନକୁ ହସ୍ତାନ୍ତର କରିଛନ୍ତି। ଭୋର୍‌ରେ କରପଡାର କିଛି ମହିଳା ନଦୀରୁ ଗାଧେଇ ଫେରୁଥିବା ବେଳେ ଶିଶୁ ପୁତ୍ରର କାନ୍ଦ ଶୁଣି ତାକୁ ଉଦ୍ଧାର କରିଥିଲେ। କରପଡା ସରପଞ୍ଚ ଅଜୟ କୁମାର ନାୟକ ଓ ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଗଞ୍ଜାମ ପୋଲିସ ଓ ବ୍ରହ୍ମପୁର ଚାଇଲଡଲାଇନକୁ ଜଣାଇଥିଲେ। ଏହି ଶିଶୁ ପୁତ୍ରକୁ ସିଏସଡବ୍ଲ୍ୟୁକୁ ହସ୍ତାନ୍ତର କରାଯିବ ବୋଲି ସିଡିପିଓ ସଲିଳା ପ୍ରଧାନ କହିଛନ୍ତି।

# ଲେମ୍ବୁ, ପାଟ ଯୋଗୁ ଶେରଗଡ଼ର ଥିଲା ସ୍ୱତନ୍ତ୍ର ପରିଚୟ

**ସୂର୍ଯ୍ୟ ନାରାୟଣ ଦାଶ**
**ଶେରଗଡ଼,୧୬।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ର ଲେମ୍ବୁ ଓ ପିତଳର ହାତବୁଣା ପାଟର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ୧୯୫୦-୧୯୯୯ ପର୍ଯ୍ୟନ୍ତ ଏହି ଦୁଇଟି ବ୍ୟବସାୟ କୋଲକାତା ଓ ଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିଲା।

ଲେମ୍ବୁ ବ୍ୟବସାୟକୁ ନେଇ ଶେରଗଡ଼ ପାଢୀ ସାହିର ବହୁ ପରିବାର ଚଳୁଥିଲେ। ୧୯୫୦ରେ ୧୦୦ରୁ ଅଧିକ ପରିବାର ଲେମ୍ବୁ ବ୍ୟବସାୟ କରି ଚଳୁଥିଲେ। ଧୀରେ ଧୀରେ ବସ୍ ସେବା ଆରମ୍ଭ ହେବା ପରେ ଲେମ୍ବୁ ବାଲୁଗାଁ, ଖୋର୍ଦ୍ଧା ଓ ଭୁବନେଶ୍ୱରରୁ କୋଲକାତା, ଦିଲ୍ଲୀ ଯାଉଥିଲା। ଶେରଗଡ଼ ବ୍ଲକର ସେରାଙ୍କୁଡା, ସୁବଳୟାପଲ୍ଲି, ଡେଙ୍ଗାପଦର, ପିତଳ, କୁରୁଳା ପର୍ଯ୍ୟନ୍ତ ଚାଷୀମାନେ ଲେମ୍ବୁ ବଗିଚା ସୃଷ୍ଟି କରିଥିଲେ। ୧୯୯୦ ଏପ୍ରିଲର ବନ୍ୟା ଓ ୧୯୯୯ ଅକ୍ଟୋବର ମହାବାତ୍ୟା ପରଠୁ ଲେମ୍ବୁ ଚାଷ କମିଗଲା। ସେପଟେ ଲେମ୍ବୁ ମହଜୁଦ ରଖିବା ପାଇଁ ବଜାର ଗୃହ ନ ଥିବା, ଆର୍ଥିକ ପ୍ରୋତ୍ସାହନର ଅଭାବ, ଚାଷୀଙ୍କୁ ଉନ୍ନତ କୌଶଳ



ଜଣେ କାରିଗର ପାଟ ବୁଣୁଛନ୍ତି।

ତାଲିମ ନ ନେବା ଫଳରେ ଏହି ଚାଷକୁ ଛାଡି ଅନ୍ୟ ଚାଷକୁ ଲୋକମାନେ ଆପଣେଇଲେ । ପୁରାତନ ଲେମ୍ବୁଚାଷୀ ଜୟଦେବ ଗୌଡ଼ କହନ୍ତି, ୧୯୭୦ରୁ ୧୯୭୫ରେ ମୋର ଗ୍ରାଜୁଏଶନ ସମୟରେ ଲେମ୍ବୁ ବିକି ମୁଁ ଚଳୁଥିଲି। ଲେମ୍ବୁଚାଷୀ ସନ୍ତୋଷ କୁମାର ପାଢୀ କୁହନ୍ତି, ଲେମ୍ବୁଚାଷକୁ ମହାବାତ୍ୟା ନଷ୍ଟ କରିଦେଲା। ଶେରଗଡରୁ ଲେମ୍ବୁ ସଂଗ୍ରହ କରି ଆସିକା ବାଲୁଗାଁ, ଖୋର୍ଦ୍ଧାରେ ବିକ୍ରି କରି ଲାଭ ପାଉଥିଲୁ ବୋଲି ବ୍ୟବସାୟୀ ଲକ୍ଷ୍ମଣ ଗୌଡ଼ କହିଛନ୍ତି।

**ପିତଳର ପାଟ:** ଶେରଗଡ଼ ବ୍ଲକ ପିତଳରେ ପୁଣି ପାଟ ଆମଦାନୀ ହେଉଥିଲା। ଯେଉଁ ପାଟ ପାଇଁ ଆଜି ବ୍ରହ୍ମପୁର ସହର ପ୍ରସିଦ୍ଧ ରହିଛି। ପିତଳର ପାଟ ଚାହିଦା ଥିଲା ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଜବାହରଲାଲ ନେହରୁ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏଠାରୁ ପାଟ ମଗାଉଥିଲେ। ପିତଳର ଡେରା ସାହି ଆଜି ସାନ ଡେରାସାହି, ବଡ଼ଡେରା ସାହିରେ ପରିଣତ ହୋଇଛି। ସେହି ଡେରାଗୁଡ଼ିକର ମୁଖ୍ୟ ଜୀବିକା ଥିଲା ପାଟବୁଣା। ପାଟ ବେପାରୀମାନଙ୍କ ସମସ୍ୟା ବୁଝିବା ପାଇଁ ପିତଳ ତନ୍ତୁବାୟ ସମିତି ଆରମ୍ଭ ହୋଇଥିଲା। ଏହି ସମିତି ମାଧ୍ୟମରେ ପାଟ ଜମା ହେଉଥିଲା। ହେଲେ ବର୍ତ୍ତମାନ ବହୁ ପରିବାର ପାଟ ବୁଣା କାର୍ଯ୍ୟ ବନ୍ଦ କରିଦେଲେଣି। ବୁଣାକାର ସଂଖ୍ୟା କମିଥିବାରୁ ତନ୍ତୁବାୟ ସମିତି ଆଉ ଆଗଭଳି ଅର୍ଥ ଦେଣନେଣ କରିପାରୁନି। ଆଗଭଳି ଆଉ ପାଟର ଚାହିଦା ବଜାରରେ ନାହିଁ । ବଜାରରେ ଛାଡ଼ିବାକୁ ହେଲେ ଅଧିକ ପୁଞ୍ଜି ନିବେଶ ସହ ଅତ୍ୟାଧୁନିକ ଯନ୍ତ୍ରପାତି, ତାଲିମର ଆବଶ୍ୟକ ଏବଂ ବଜାର ଗୃହର ଆବଶ୍ୟକତା ରହିଛି।

# ପାଚେରି ଭାଙ୍ଗି ଗଛ କାଟି ନେଲେ



କଟାଯାଇଥିବା ଗଛ।

**ଖଣ୍ଡପଡ଼ା,୧୬।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ୧ନଂ. ୱାର୍ଡରେ ଡାକଘର କର୍ମଚାରୀଙ୍କ ବାସଗୃହ ନିର୍ମାଣ ନିମନ୍ତେ ଉର୍ଦ୍ଦିଷ୍ଟ ସଂରକ୍ଷିତ ଜାଗାରେ ଥିବା ୩ଫୁଟ ଗୋଲେଇର ଏକ କଣି ଗଛକୁ କେହି ବିଳମ୍ବିତ ରାତିରେ କାଟି ନେଇଛନ୍ତି। ସେହି ବ୍ୟକ୍ତିମାନେ ପାଚେରିର ଗୋଟିଏ ଅଂଶକୁ ଭାଙ୍ଗି ଗଛକୁ ନେଇଯାଇଥିବା ଖଣ୍ଡପଡ଼ା ଡାକପାଳ ସନ୍ତୋଷ କୁମାର ବେହେରା ବନବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀମାନେ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଚୋରି ହୋଇଥିବା ଗଛର ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି।

## ସ୍ୱତନ୍ତ୍ର ଶାସନ ସଚିବଙ୍କ ଛେଳିଗଡ଼ ପରିଦର୍ଶନ

**ଆର.ଉଦୟଗିରି,୧୬।୩(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ମହେନ୍ଦ୍ର କୁମାର ଭୂୟାଁ ବୁଧବାର ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଟନେଲ/ସୁଡ଼ଙ୍ଗ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ସର୍ବୋଚ୍ଚ ଯନ୍ତ୍ରୀ କାର୍ଯ୍ୟର ବୈଷୟିକ ସମୀକ୍ଷା କରିବା ସହ ଟନେଲ ନିର୍ମାଣ ସ୍ଥାନକୁ ଯାଇ କରାଯାଇଥିବା ସୁଡଙ୍ଗରେ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ନଗେନ୍ଦ୍ର ନାଥ ମହାରଣାଙ୍କୁ ବୈଷୟିକ ପରାମର୍ଶ ଦେଇଥିଲେ। ଏହି ସମୟରେ ମୁଖ୍ୟଯନ୍ତ୍ରୀ ଅପିନି କୁମାର ମାହାନ୍ତି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସଞ୍ଜୟ କୁମାର ମଳିକ ଉପସ୍ଥିତ ଥିଲେ। ସୁଡଙ୍ଗ ଲମ୍ବା ୧୨୮୦ ମିଟର, ଗୋଲେଇ ୩ ମିଟର। ସେଥିମଧ୍ୟରୁ ଟନେଲ୍ କାମ ସରିଛି ୧୨୦ ମିଟର। ଏହି କାର୍ଯ୍ୟ କୁଆଁପଡା ଗ୍ରାମ ନିକଟରୁ ଆରମ୍ଭ ହୋଇ ମୂଷାଡଲି ଗ୍ରାମ ନିକଟସ୍ଥ ଘୋଡାନାଳ ବାହାରିବ। ଏହାର ଅଟକଳ ମୂଲ୍ୟ ୯୦ କୋଟି ୮୮ ଲକ୍ଷ ରହିଛି। ଏହି ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ନଗେନ୍ଦ୍ର ନାଥ ମହାରଣାଙ୍କୁ ପଚାରିବାରୁ ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ଭିତରେ ସରିବ ବୋଲି ସେ କହିଥିଲେ।

# ଗୁରୁତରଙ୍କୁ ରକ୍ତଦାନ କଲେ ଛାତ୍ର



**ଭଞ୍ଜନଗର,୧୬।୩(ଡି.ଏନ୍.ଏ.)**

ଘୁମୁସର ରେଡ୍ ଡ୍ରପ୍ ଗ୍ରୁପର ସଦସ୍ୟମାନେ ନିଃସ୍ୱାର୍ଥପର ଭାବେ ରକ୍ତଦାନ କରିବା ଲକ୍ଷ୍ୟ ନେଇ ଏକ ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ କରିଛନ୍ତି। ଏଭଳି ଏକ ମହତ କାର୍ଯ୍ୟରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ରମାନେ ମଧ ସାମିଲ ହୋଇଛନ୍ତି । ଗଣ ଯୋଗାଯୋଗ ବିଭାଗର ପ୍ରଥମ ବର୍ଷ ଛାତ୍ର ବାବୁ ରଥଙ୍କ ନେତୃତ୍ୱରେ ରକ୍ତଦାନ କରୁଛନ୍ତି। ବୁଧବାର ଜଗନ୍ନାଥପ୍ରସାଦ ବ୍ଲକ ବାରଦଣ୍ଡାର ଜଣେ ଗୁରୁତର ରୋଗୀଙ୍କୁ ବିଭାଗୀୟ ସିନିୟର ଛାତ୍ର ଅନିଲ ବିଷୋୟୀ ଭଞ୍ଜନଗର ମେଡିକାଲରେ 'ଏ' ପଜିଟିଭ୍ ରକ୍ତଦାନ କରିଥିଲେ ।

# ୧ନଂ. ୱାର୍ଡରେ ଭାଜପା,ବିଜେଡି ଲଢ଼େଇ

**ନୟାଗଡ଼ ଅଫିସ,୧୬।୩**

- **ଯାଞ୍ଚରେ କଟିଥିଲେ କଂଗ୍ରେସ ପ୍ରାର୍ଥୀ**
- **କୃତ୍ରିମ ବନ୍ୟାକୁ ଏଡାଇବାକୁ ନାହିଁ ପଦକ୍ଷେପ**

ନୟାଗଡ଼ ସହରର ୧ନଂ. ୱାର୍ଡରେ କୃତ୍ରିମ ବନ୍ୟାର ଭୟଲାଗି ରହିଛି । ସ୍ଥାନୀୟ ଲୋକେ ଶୋଇଥିବାବେଳେ ବର୍ଷା ହେଲେ ଡ୍ରେନେଜର ଆବର୍ଜନା ଜଳ ଘର ଭିତରେ ଲହଡ଼ି ଭାଙ୍ଗେ। ଶାସକଦଳର ଦଖଲରେ ଏହି ୱାର୍ଡଟି ଥିବାବେଳେ କୃତ୍ରିମ ବନ୍ୟାକୁ ରୋକିବାକୁ ଆଜି ପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଣୁ ସହରରେ ଥାଇ ମଧ୍ୟ ୧ନଂ.ୱାର୍ଡବାସୀ ବର୍ଷା ହେଲେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି । ଏହି ୱାର୍ଡରେ କଂଗ୍ରେସର କାଉନସିଲର ପ୍ରାର୍ଥୀ ଯାଞ୍ଚରେ କଟିବା ପରେ ଭାଜପା ପ୍ରାର୍ଥୀ କୁନ୍ତଳା ପ୍ରଧାନ ଓ ବିଜେଡି ପ୍ରାର୍ଥୀ ଶର୍ମିଳା ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି ।

ପୂର୍ବରେ ସିନ୍ଦୁରିଆ, ପଶ୍ଚିମରେ ଟାଉନ ପୋଲିସ ଷ୍ଟେଶନ, ଉତ୍ତରରେ ମା'ମଙ୍ଗଳା ଚୌକ ରତନପୁର, ଦକ୍ଷିଣରେ ୫୭ନଂ.ଜାତୀୟ ରାଜପଥ ରହିଛି । ଏହାରି ଭିତରେ ଇଦ୍‌ଗା ପଡ଼ିଆର ପଶ୍ଚିମ ପାର୍ଶ୍ୱରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍‌ଡିପିଓ ଅଫିସ, ଟାଉନ ଥାନାର ପୂର୍ବଦିଗ ରୋଡଠାରୁ ପୂର୍ତ୍ତବିଭାଗ ରୋଡ, ଉଦୟପଥ, ମୁକ୍ତିପଥ, ଛାୟାପଥ ଲେନ, ରତନପୁର,ଡିଏଫ୍‌ଓଙ୍କ ସରକାରୀ ବାସଭବନଠାରୁ ଟେଜେରୀ ଅଫିସରଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ରହିଛି। ଏହି ଅଞ୍ଚଳ ମଧ୍ୟରୁ ପିଡବ୍ଲୁଡି ଲେନ୍, ଛାୟାପଥ ଲେନ, ବାଳିକା ହାଇସ୍କୁଲ ପଛ ମୁକ୍ତି ପଥ ଲେନରେ ଡ୍ରେନ ସେବା ବିପଯ୍ୟସ୍ତ । ଯେଉଁ ଡ୍ରେନ ରହିଛି ସେଥିରେ ନର୍ଦ୍ଦମା ଜଳ ନିଷ୍କାସନ ହେଉନାହିଁ ।





ବିଜେଡି ଓ ଭାଜପା ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହ ପ୍ରଚାର କରୁଛନ୍ତି।

୫୭ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ଡ୍ରେନେଜ ଜଳ ସଂପୃକ୍ତ ଅଞ୍ଚଳରେ ପ୍ରବାହିତ ହୋଇ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ବହୁ ବର୍ଷହେଲା ଏହି ସମସ୍ୟା ରହିଥିଲେ ହେଁ ସମାଧାନ ନାହିଁ । ଏହି ସମସ୍ୟା ଭୋଟର ପ୍ରାର୍ଥୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି। ଉଭୟ ଦଳର ପ୍ରାର୍ଥୀ ଏହାକୁ ଗୁରୁତ୍ୱ ଦେବେ ବୋଲି କହୁଛନ୍ତି । ପୂର୍ବରୁ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଥିଲା । ହେଲେ ନିର୍ବାଚନ ଥିଲେ ମଧ ସମସ୍ୟା ସମାଧାନ ନାହିଁ। ଭାଜପା ପ୍ରାର୍ଥୀ କୁନ୍ତଳା ପ୍ରଧାନଙ୍କ ପାଇଁ ଇରାନୀ ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ପୂର୍ବତନ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଭୋଟ ପ୍ରଚାର କରୁଛନ୍ତି । ପ୍ରାର୍ଥୀ ନିଜେ ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଭୋଟ ପ୍ରଚାର କରୁଛନ୍ତି । ଏହି ୱାର୍ଡରେ ଜଣେ ଭୋଟର କହିଛନ୍ତି ବିଜେଡି ପ୍ରାର୍ଥୀ ଘୁରି ବୁଲୁଛନ୍ତି । ଭାଜପା ପ୍ରାର୍ଥୀଙ୍କୁ ଦେଖିବାକୁ ମିଳୁନି । ଭାଜପା ପ୍ରାର୍ଥୀ ଭୋଟ ପ୍ରଚାର କରୁଛନ୍ତି ହେଲେ ପ୍ରଚାରରେ ତ୍ୱରାନ୍ୱିତ ନ ଥିବା ଜଣାପଡୁଛି ।

## ସଂକ୍ଷେପରେ

### ୪ ଶିଶୁ ଶ୍ରମିକ ଉଦ୍ଧାର

**ରସୁଲପୁର,୧୬।୩(ଡି.ଏନ.ଏ.):** ଯାଜପୁର ଶ୍ରମ ବିଭାଗ ନେତୃତ୍ୱରେ ଜିଲା ଶିଶୁ ଶ୍ରମିକ ଉଦ୍ଧାରକାରୀ ଟାସ୍କ ଫୋର୍ସ ପକ୍ଷରୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଅତିରିକ୍ତ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କ ନେତୃତ୍ୱରେ ଯାଜପୁର ବ୍ଲକ ବରୁଆଁ-ଝାଲପଡ଼ା ରାସ୍ତା କାମରେ ନିୟୋଜିତ ବହୁ ଶିଶୁଶ୍ରମିକ ମଧ୍ୟରୁ ଉକ୍ତ ୪ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଗ୍ରାମୀଣ ଶ୍ରମ ଇନ୍ସପେକ୍ଟର ସଞ୍ଜୀବ ଦେଓ, ଜିଲା ଶିଶୁ ସୁରକ୍ଷା ୟୁନିଟର ସ୍ୱତନ୍ତ୍ର କିଶୋର ପୋଲିସ ଅଧିକାରୀ ମିହିର ଜେନା, ଶିଶୁ ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା, ଆକ୍ସନଏଡ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗଲ, ଯାଜପୁର ଚାଇଲ୍ଡ ଲାଇନର କାର୍ତ୍ତିକେଶ୍ୱର ଜେନା, ମମତା ମଞ୍ଜରୀ ଧଳଙ୍କ ସମେତ ଯାଜପୁର ସଦର ଥାନା ପୋଲିସ ମିଳିତ ଭାବରେ ଭିନ୍ନଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। କୋଭିଡ ମହାମାରୀ ଲାଗି ବିଦ୍ୟାଳୟ ବନ୍ଦ ରହିବା ଯୋଗୁ ଜିଲାରେ ଶହଶହ ଶିଶୁଶ୍ରମିକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖାଯାଉଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲା। ଏ ଦିଗରେ ଶିଶୁ ଅଧିକାର କର୍ମୀ ଅସନ୍ତୋଷ ପ୍ରକାଶ କରୁଥିଲେ। ମଙ୍ଗଳବାର ଦାନଗଦୀ ଶିଶୁ ସୁରକ୍ଷା ମଞ୍ଚ ସଦସ୍ୟ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଟାସ୍କ ଫୋର୍ସ ଗଠନ ଓ ଶିଶୁଶ୍ରମିକ ଉଦ୍ଧାର ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ଟାସ୍କଫୋର୍ସ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢ଼ାଉ କରାଯିବ ବୋଲି ସୂଚନା ମିଳିଛି।

### ଦାୟିତ୍ୱ ଭାର ସମ୍ଭାଳିଲେ ସରପଞ୍ଚ

**ରଘୁନାଥପୁର,୧୬।୩(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ତାରପୁରର ନବ ନିର୍ବାଚିତ ସରପଞ୍ଚ ସୁଷମା ମଲ୍ଲିକ ବୁଧବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଦାସ ତାଙ୍କୁ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା ଓ ବିଭିନ୍ନ ମହିଳା ଗ୍ରୁପର କର୍ମକର୍ତ୍ତାମାନେ ସରପଞ୍ଚ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ, ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଏବଂ ଆବଶ୍ୟକତା ଥିବା କାର୍ଯ୍ୟକୁ ଅଗ୍ରାଧିକାର ଦେବେ ବୋଲି ସରପଞ୍ଚ ମଲ୍ଲିକ କହିଥିଲେ। ଏହି ସମୟରେ ଚନ୍ଦ୍ରଶେଖର ସିଂହ, ସରୋଜ କୁମାର ଦାଶଙ୍କ ସହ ୱାର୍ଡସଭ୍ୟ ଓ ସମର୍ଥକ ଉପସ୍ଥିତ ଥିଲେ।

### ବିରିଡିରେ ଜାତୀୟ ଟିକାକରଣ ଦିବସ

**ବିରିଡି,୧୬।୩(ଡି.ଏନ.ଏ.):** ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ସଭାଗୃହରେ ବୁଧବାର ଜାତୀୟ ଟିକାକରଣ ଦିବସ ପାଳିତ ହୋଇଥିଲା। ସଭାରେ ବିଡିଓ ହେମନ୍ତ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଗୌରୀ ଦେଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ରାକେଶ ମହାନ୍ତି, ଡା. ଲୋକନାଥ ସାହୁ ଯୋଗ ଦେଇଥିଲେ। ସେମାନେ ଏଲଏଚଭି, ଅଙ୍ଗନୱାଡି, ମହିଳାପୁରୁଷ ସ୍ୱାସ୍ଥ୍ୟ ଓ ଆଶା କର୍ମୀଙ୍କୁ ଟିକାକରଣ ସମ୍ପର୍କରେ ବୁଝାଇବା ସହ ଅଂଶଗ୍ରହଣ କରୁଥିବା ଏଲଏଚଭି, ଅଙ୍ଗନୱାଡି, ମହିଳା ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟକର୍ମୀ ସୁନିତା ବେହେରା, ଅଶା କର୍ମୀ ଇତିଶ୍ରୀ ଭୋଇ ଓ ପୁଷ୍ପଲତା ବେହେରାଙ୍କୁ ବିଡିଓ ମହାନ୍ତ ସମ୍ବର୍ଦ୍ଧିତ କରିଥିଲେ।

# ଜରାଶ୍ରମ ସାଜିଲା ନୂଆ ଠିକଣା

**ରାହାମା,୧୬।୩(ଡି.ଏନ.ଏ.)**

- ବୋହୂ ପୁଅଙ୍କ ନିର୍ଯାତନା ଅସହ୍ୟ ହେଲା
- ଘର ଛାଡ଼ିଲେ ବୃଦ୍ଧ ମା'ବାପା

ବାର୍ଦ୍ଧକ୍ୟ ଆସିଲେ ବୋହୂ ପୁଅଙ୍କ ସାହାରା ଲୋଡ଼ା ପଡ଼େ। ନାତି, ନାତୁଣୀଙ୍କ କୋଳାହଳ ଭିତରେ ସମୟ କାଟିବାକୁ ଇଚ୍ଛା ହୁଏ। ପାଟିକୁ ରୁଚୁ ନ ଥିଲେ ବି ବୋହୂ ହାତ ପରଷାରେ ମନ ପୂରିଯାଏ। ସେଥିପାଇଁ ମା'ବାପା ପୁଅଟିଏ ପାଇଁ କେତେ ଦିଅଁଦେବତାଙ୍କୁ ଡାକନ୍ତି। କେଉଁଠି ମାନସିକ ରଖନ୍ତି ତ ଆଉ କେଉଁଠି ପୂଜାର୍ଚ୍ଚନା କରନ୍ତି। ପୁଅର ପାରିବାପଣିଆ ଦେଖିଲେ ମା'ବାପା ପୁଅ ମନଲାଖି କନ୍ୟା ଖୋଜି ବସନ୍ତି। ଘରକୁ ବୋହୂ ଆସେ। ହେଲେ ତା'ପରେ ଯଦି ସବୁ ଓଲଟପାଲଟ ହୋଇଯାଏ ଭାଗ୍ୟକୁ ନିନ୍ଦନ୍ତି ବୃଦ୍ଧ ଦମ୍ପତି। ଏମିତି ଏକ ଘଟଣା ଏବେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ନୁହେଁ, ଦୁଇ ପୁଅ ବୋହୂଙ୍କ ହତାଦର ଓ ନିର୍ଯାତନା ସହି ନ ପାରି ବୃଦ୍ଧ ମା'ବାପା ଘରଛାଡି ଜରାଶ୍ରମରେ ଆଶ୍ରୟ ନେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି।

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଗୋଡ଼ା ଘୋଷାଘର ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର(୭୮) ଓ ତାଙ୍କ ସ୍ତ୍ରୀ ମାଳତୀ(୭୪) ଗତ ୭ ଦିନ ହେବ ନିଜ ଘର ଛାଡିବାକୁ ବାଧ୍ୟ ହୋଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ ଆଶ୍ରୟ ନେବା ପରେ ବୁଧବାର ରାହାମାରେ ପହଞ୍ଚିଥିଲେ। ସ୍ଥାନୀୟ ରାମଚରିତ ମାନସ ପ୍ରାଙ୍ଗଣରେ ସେମାନେ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଯୁବକମାନେ ସେମାନଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଏହାପରେ କୃଷ୍ଣଚନ୍ଦ୍ର ଓ ମାଳତୀ ନିଜ ଦୁଃଖ ଓ ବୋହୂ ପୁଅଙ୍କ ନିର୍ଯାତନା କଥା କହିଥିଲେ। ଏହି ଦମ୍ପତିଙ୍କ ୨ ପୁଅ। ଦୁହେଁ ବିବାହ କରିବା ପରେ ୨ ବୋହୂ ଘରକୁ ଆସିଥିଲେ। ହସଖୁସିରେ ଘର ପୂରିଉଠିଥିଲା। ହେଲେ ସେହି ଖୁସି ବେଶିଦିନ ରହିଲା ନାହିଁ। ବୋହୂ, ପୁଅ ସେମାନଙ୍କ ବାର୍ଦ୍ଧକ୍ୟର ଫାଇଦା ଉଠାଇବାକୁ ଚେଷ୍ଟା କଲେ। ଛୋଟ ଛୋଟ କଥାରେ ସେମାନେ ମା'ବାପାଙ୍କୁ ଗାଳିଗୁଲଜ କରିବା ସହିତ ନିର୍ଯାତନା ଦେବାକୁ ପଛାଉ ନ ଥିଲେ। ରୋଗ ସମୟରେ ସେମାନଙ୍କ ଯତ୍ନ କଥା ବୋହୂ ପୁଅ ଭୁଲିଯାଉଥିଲେ। ଏପରି କି ଠିକ୍ ସମୟରେ ମୁଠାଏ ଖାଇବାକୁ ସେମାନଙ୍କୁ ମିଳୁ ନ ଥିଲା। ଥରେ ମୁହଁ ଖୋଲିଲେ ବହୁ କଥା ଶୁଣିବାକୁ ପଡୁଥିଲା। ଏପରି ନିର୍ଯାତନା ଦୀର୍ଘଦିନ ସହିବା ପରେ ଆମେ ଦୁହେଁ ଘର ଛାଡିବାକୁ ବାଧ୍ୟ ହୋଇଛୁ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ଏ କଥା ଶୁଣିବା ପରେ ସ୍ଥାନୀୟ ଯୁବକମାନେ କୃଷ୍ଣଚନ୍ଦ୍ରଙ୍କ ବୋହୂ ଓ ପୁଅଙ୍କ ସହ ଯୋଗାଯୋଗ କରିଥିଲେ। ଆଶା ଥିଲା ବୋହୂ ପୁଅ ରାହାମାରେ ପହଞ୍ଚି କୃଷ୍ଣଚନ୍ଦ୍ର ଓ ମାଳତୀଙ୍କୁ ଘରକୁ ଫେରାଇ ନେବେ। ହେଲେ ଦୀର୍ଘ ସମୟ ଅପେକ୍ଷା କରାଯିବା ପରେ ମଧ୍ୟ ତାହା ହେଲାନାହିଁ। ଏପରି କି ସ୍ଥାନୀୟ ଯୁବକମାନେ ବୋହୂ ପୁଅଙ୍କୁ ବହୁ ସମୟ ବୁଝାଶୁଝା କରିବା ପରେ ବି ସେମାନେ ମା'ବାପାଙ୍କୁ ଘରକୁ ଫେରାଇ ନେବାକୁ ଆନ୍ତରିକତା ଦେଖାଇ ନ ଥିଲେ। ଶେଷରେ ଏ ସଂକ୍ରାନ୍ତରେ ବ୍ୟାସ ଫାଉଣ୍ଡେଶନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସହିତ ସମ୍ପୃକ୍ତ ଯୁବକମାନେ ଯୋଗାଯୋଗ କରିଥିଲେ। ଖବର ପାଇ ସ୍ନେହମୟୀଙ୍କ ସହିତ ଅନୁଷ୍ଠାନର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ଉପସଭାପତି ରଶ୍ମିତା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ତିର୍ତ୍ତୋଲ ଥାନାରେ ଉପସ୍ଥିତ କରାଇଥିଲେ। ଏହପରେ କୃଷ୍ଣଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ସେମାନଙ୍କୁ ଜରାଶ୍ରମକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମଧ୍ୟ ସେଠାରେ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ କିଛି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେ ଏ ସଂକ୍ରାନ୍ତରେ କୁଜଙ୍ଗ ଥାନାଧିକାରୀଙ୍କୁ ଜଣାଇବା ପରେ ବୃଦ୍ଧ ଦମ୍ପତିଙ୍କୁ ସନ୍ତୋଷୀ ଜରାଶ୍ରମରେ ରଖାଯାଇଛି। ଏବେ କୃଷ୍ଣଚନ୍ଦ୍ର ଓ ମାଳତୀଙ୍କ ପାଇଁ ଜରାଶ୍ରମ ନୂଆ ଠିକଣା ହୋଇଛି।



ପାରାଦୀପର ସନ୍ତୋଷୀ ଜରାଶ୍ରମରେ କୃଷ୍ଣଚନ୍ଦ୍ର ଓ ମାଳତି।

# ଦାୟିତ୍ୱ ଗ୍ରହଣ କଲେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ

**ପଟ୍ଟାମୁଣ୍ଡାଇ,୧୬।୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ନବନିର୍ବାଚିତ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସରକାରୀ ଯୋଜନାର ସଫଳ ରୂପାୟନ କରି ପଟ୍ଟାମୁଣ୍ଡାଇକୁ ଏକ ଅଗ୍ରଣୀ, ଆଦର୍ଶ ଓ ସମୃଦ୍ଧ ବ୍ଲକରେ ପରିଣତ କରିବାକୁ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଏପିଡି ମନ୍ଦରଧର ମହାଳିକ, ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ନିର୍ବାହୀଯନ୍ତ୍ରୀ ରୋଜାଲିନୀ ମହାଳିକ, ସହ ନିର୍ବାହୀଯନ୍ତ୍ରୀ ସୁରେଶ ବେହେରା, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ସରପଞ୍ଚ ଅଜିତ ନାୟକ, ଓଉପଦା ସରପଞ୍ଚ ମମତା ସାମଲ, ବାଛରା ସରପଞ୍ଚ ରଞ୍ଜିତା ସାହୁ (ରାଉତ), ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀ, ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକ, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଖଡିଅଣ୍ଟା ସରପଞ୍ଚ ଜୀବନକୃଷ୍ଣ ରାୟ, ଡାମରପୁର ସରପଞ୍ଚ ଅନୁସୟା ନାଥ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

# ଅଧ୍ୟକ୍ଷ ୨ ଲକ୍ଷ, କାଉନସିଲର ପ୍ରାର୍ଥୀଙ୍କ ୫୦ ହଜାର ପର୍ଯ୍ୟନ୍ତ ଖର୍ଚ୍ଚ



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ, ୪ ଜଣ ଅଧ୍ୟକ୍ଷ ଓ ୬୯ ଜଣ କାଉନସିଲର ପ୍ରାର୍ଥୀ।

**ଜଗତ୍‌ସିଂହପୁର ଅଫିସ,୧୬।୩**

**ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ବୈଠକ**

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ। ଏ ନେଇ ପ୍ରାର୍ଥୀମାନେ ପ୍ରଚାର ଜୋରଦାର କରିଛନ୍ତି। ପ୍ରାର୍ଥୀମାନେ ଯେପରି ଆଚରଣବିଧି ଠିକ୍ ଭାବେ ପାଳନ କରିବେ ଏବଂ ଖର୍ଚ୍ଚ ହିସାବ ରଖିବେ ସେ ସମ୍ପର୍କିତ ଏକ ବୈଠକ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଚିନ୍ମୟୀ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ଜଗତ୍‌ସିଂହପୁର ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ ଅଧ୍ୟକ୍ଷ ଓ ୬୯ ଜଣ କାଉନସିଲର ପ୍ରାର୍ଥୀ ଯୋଗଦେଇଥିଲେ। ବୈଠକରେ ନିର୍ବାଚନ ଅଧିକାରୀ ବିଶ୍ୱାଳ କହିଥିଲେ, ପ୍ରାର୍ଥୀମାନେ ନିର୍ବାଚନ ସମୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶନାମାକୁ ଠିକ୍ ଭାବେ ପାଳନ କରିବା ଜରୁରୀ। ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ପ୍ରତି କାଉନ୍‌ସିଲର ପ୍ରାର୍ଥୀ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ସୁଯୋଗ ରହିଛି। ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ତଥା ଡିଏମ୍‌ଇଟି ଅର୍ଥ ଉପଦେଷ୍ଟା ରୁଦ୍ର ନାରାୟଣ ଆଚାର୍ଯ୍ୟ ଉପସ୍ଥିତ ରହି ପରାମର୍ଶ ଦେଇ କହିଥିଲେ ଯେ, ପ୍ରାର୍ଥୀମାନେ ୨ଟି ଖର୍ଚ୍ଚ ରେଜିଷ୍ଟର କରିବେ। ଗୋଟିଏରେ ପ୍ରତିଦିନର ଖର୍ଚ୍ଚ ବିବରଣୀ ଉଲ୍ଲେଖ ରହିବ। ଅନ୍ୟଟି ଅବ୍‌ଷ୍ଟ୍ରାକ୍ଟ କରିବେ। ମାର୍ଚ୍ଚ ୨୨ରେ ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ରେଜିଷ୍ଟର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ତନଖି କରାଯିବ ବୋଲି ସେ କହିଥିଲେ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଉପସ୍ଥିତ ଥିଲେ।

# କ୍ରିକେଟ: ବେରା କିଙ୍ଗ୍‌ଷ୍ଟାର ବିଜୟୀ

**ଏରସମା,୧୬।୩(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ଗ୍ରାମର ଦୋଳଗୋବିନ୍ଦ ଜୀଉ ୟୁଥ କ୍ଲବ ପକ୍ଷରୁ ପ୍ରଦୀପ୍ତ ସ୍ମାରକୀ ପ୍ରିମିୟର ଲିଗ୍ (କ୍ରିକେଟ ଟୁର୍ନାମେଣ୍ଟ) ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବେହେରା ଓ ସାମାଜିକ କର୍ମୀ କାନନ ମାଇତି ଉଦ୍‌ଘାଟନ କରିଥିଲେ। ଏଥିରେ ପଦ୍ମପୁର ଗ୍ରାମର ବେରା କିଙ୍ଗଷ୍ଟାର ଓ ଶିଆଳି ଗ୍ରାମର ମା' ଶୀତଳା ଇଲେଭେନ ଷ୍ଟାର ଦୁଇଟି ଦଳ ମଧ୍ୟରେ ଖେଳ ହୋଇଥିଲା। ମା' ଶୀତଳା ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ବେରା କିଙ୍ଗଷ୍ଟାର ୧୦ ଓଭର ଖେଳି ୪ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଖେଳରେ ନନ୍ଦଲାଲ ଜାନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଖେଳକୁ ସୁବାସ ସାମନ୍ତ ଓ ରବୀନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ଦଳୀୟ ପ୍ରଚାର କରୁଛନ୍ତି କଲେଜ କର୍ମଚାରୀ



ପ୍ରଚାରରେ ଯୋଗ ଦେଇଥିବା କଲେଜ କର୍ମଚାରୀ।

**ଜଗତ୍‌ସିଂହପୁର ଅଫିସ, ୧୬।୩**

**ଜଗତ୍‌ସିଂହପୁର ପୌର ନିର୍ବାଚନ**

ଜଗତ୍‌ସିଂହପୁର ପୌର ନିର୍ବାଚନରେ ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ସ୍ମାରକୀ) ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କରୁଥିବା ଗୁରୁତର ଅଭିଯୋଗ ବୁଧବାର ହୋଇଛି। ସମ୍ପୃକ୍ତ କର୍ମଚାରୀ ଜଣକ ହେଲେ ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ଗଗନ ଚରଣ ଦାସ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୮ନଂ. ୱାର୍ଡର ଏକାଧିକ ବ୍ୟକ୍ତି ପୌର ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ଅଛି ଯେ, ପୌର ନିର୍ବାଚନ ନେଇ ଏବେ ଆଚରଣବିଧି ବଳବତ୍ତର ରହିଛି। କିନ୍ତୁ ଦାସ ଆଚରଣ ବିଧି ଉଲ୍ଲଂଘନ କରି ୮ନଂ. ୱାର୍ଡ ଅନ୍ତର୍ଗତ ଦେଉଳୀ ଗ୍ରାମେଶ୍ୱର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର ଚଳାଇଛନ୍ତି। ତେଣୁ ଏହା ଉପରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଉ।

# ୨୧ରେ ଭୀମ ଭୋଇ ସାମର୍ଥ୍ୟ ଶିବିର

**ରଘୁନାଥପୁର,୧୬।୩(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପକ୍ଷରୁ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିରରେ ଭୀମଭୋଇ ସାମର୍ଥ୍ୟ ଶିବିର ଆସନ୍ତା ମାର୍ଚ୍ଚ ୨୧ରେ ଅନୁଷ୍ଠିତ ହେବ। ଯେଉଁମାନେ ଭିନ୍ନକ୍ଷମ ପ୍ରମାଣ ପତ୍ର ତଥା ୟୁଡିଆଇଡି ପାଇଁ ସ୍ୱାବଲମ୍ବନ ପୋର୍ଟାଲରେ ଆବେଦନ କରିଥିବେ ସେହିମାନେ ହିଁ ଶିବିରରେ ଯୋଗଦେଇ ପାରିବେ। ସେମାନଙ୍କୁ ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟଥା ଯେଉଁମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି କିମ୍ବା ଆବେଦନ ପୂର୍ବରୁ ଡାକ୍ତରଙ୍କ ଦ୍ୱାରା ନାମଞ୍ଜୁର ହୋଇଛନ୍ତି ସେମାନେ ଉକ୍ତ ଶିବିରକୁ ଆସିବାର ଆବଶ୍ୟକତା ନାହିଁ ବୋଲି ବିଡିଓ ଜିତେନ୍ଦ୍ର କୁମାର ନାୟକ ସ୍ପଷ୍ଟ କରିଛନ୍ତି। ଉକ୍ତ ଶିବିରରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ଏସ୍‌ସିବି ମେଡିକାଲର ସ୍ପେସିଆଲିଷ୍ଟ ଡାକ୍ତରମାନେ ଉପସ୍ଥିତ ରହି ଚିକିତ୍ସା କରିବାକୁ ସ୍ଥିର ହୋଇଛି। ପୋର୍ଟାଲରେ ଆବେଦନ କରିଥିବା ବ୍ୟକ୍ତିମାନେ ଶିବିରକୁ ଆସିଲା ବେଳେ ସାଙ୍ଗରେ ପୋର୍ଟାଲ ରେଜିଷ୍ଟ୍ରେଶନ ରସିଦ୍, ଆଧାରକାର୍ଡ, ୩ଟି ପାସପୋର୍ଟ ସାଇଜ ଫୋଟ, ଶିକ୍ଷାଗତ ପ୍ରମାଣପତ୍ର ଏବଂ ମୋବାଇଲ ନମ୍ବର ଆଣିବା ଅତ୍ୟନ୍ତ ଜରୁରୀ ବୋଲି ବିଡିଓ ନାୟକ ସୂଚାଇ ଦେଇଛନ୍ତି। ଏହାଛଡ଼ା ଗ୍ରୀଷ୍ମପ୍ରବାହ ଯୋଗୁ ଶିବିର ସକାଳ ସାଢେ ୭ଟାରେ ଆରମ୍ଭ ହେବ ବୋଲି ବିଡିଓ ନାୟକ ସୂଚନା ଦେଇଛନ୍ତି।

# ରସାୟନ ବିଜ୍ଞାନ ବିଭାଗର ସେମିନାର

**ବିରିଡି ୧୬।୩(ଡି.ଏନ.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପକ୍ଷରୁ ଏକ ସେମିନାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ ଉଦ୍‌ଘାଟନ କରିଥିଲେ। ଏହାର ବିଷୟ ବସ୍ତୁ ଥିଲା 'ନିୟୁକ୍ଲିୟର ମ୍ୟାଗ୍ନେଟିକ ରିଜୋନାନ୍ସ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅକ୍ଷୟ କୁମାର ଭଦ୍ର ସଭାପତିତ୍ୱ କରିଥିଲେ। ଏସ୍‌ଭିଏମ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲିଙ୍ଗରାଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଶିକ୍ଷଣୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଧ୍ୟାପକ ଗଦାଧର ରଥ ଓ ଅଧ୍ୟାପିକା ସସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସେମିନାରକୁ ସବିତା ତ୍ରିପାଠୀ, ରଞ୍ଜନ କୁମାର ସାହୁ ଓ ସାଗର ରଞ୍ଜନ ଦାସ ପରିଚାଳନା କରିଥିଲେ। ଶେଷରେ ରସାୟନ ବିଭାଗର ଅକ୍ଷୟ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ମହିଳା କବାଡ଼ି ଟୁର୍ନାମେଣ୍ଟ

**ଯାଜପୁର ରୋଡ,୧୬।୩(ଡି.ଏନ.ଏ.)**

ରାଜ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ ମହିଳା କବାଡି ଟୁର୍ନାମେଣ୍ଟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ (ମହିଳା ଦଳ)କୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ରମାଦେବୀ ବିଶ୍ୱବିଦ୍ୟାଳୟ ଦଳର ଅଧିନାୟିକା ଶିବାନୀ ମଲ୍ଲିକ ଯାଜପୁରରୋଡସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ। ଅଧିନାୟିକା ଶିବାନୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ କୌଶଳପୂର୍ଣ୍ଣ ଖେଳ ପରିଚାଳନାକରି ଦଳକୁ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ଏଭଳି ଗୌରବ ଆଣିଥିବା ପ୍ରତିଭାଦୀପ୍ତ ଛାତ୍ରୀ ଶିବାନୀଙ୍କୁ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ମହାବିଦ୍ୟାଳୟ ପରିସରରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଇନ୍ଦିରା ମହିଳା ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷା ପଙ୍କଜିନୀ ପାଣି ମୁଖ୍ୟଅତିଥି, ବରିଷ୍ଠ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ରୋଜାଲିନ ମହାନ୍ତି, ଅଧ୍ୟାପକ ଅରୁଣ କୁମାର ମିଶ୍ର, ମଳୟ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା, ପଦ୍ମଭୂଷଣ ରାଉତରାୟ, ଅଧ୍ୟାପିକା ଝୁନୁମଣି ଜେନା, ଲିପ୍ସା ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଅଧିନାୟିକା ଶିବାନୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଦୀପ କୁମାର ପରିଡ଼ା, ପ୍ରଦୀପ କୁମାର ପଲେଇ, ବିଚିତ୍ର ଦଳେଇ, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ।



କବାଡ଼ି ଦଳର ଅଧିନାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଷଣ୍ଢକୁଦର ୩ ୱାର୍ଡରେ ତ୍ରିଶଙ୍କୁ ସ୍ଥିତି

**ପାରାଦୀପ,୧୬।୩(ସ୍ୱ.ପ୍ର.)**

**ପାରାଦୀପ ପୌର ନିର୍ବାଚନ**

ପାରାଦୀପ ପୌରାଞ୍ଚଳର ସବୁଠାରୁ ବଡ଼ ବସ୍ତି ହେଲା ଷଣ୍ଢକୁଦ। ଏଠାରେ ୧୭, ୧୮ ଓ ୧୯ନଂ. ଏପରି ୩ଟି ୱାର୍ଡ କରାଯାଇଛି। ୫୮୪୫ ଭୋଟର ଥିବା ଏହି ୩ ୱାର୍ଡରେ ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ସମୁଦ୍ର ବେଳାଭୂମିରେ ଥିବା ଏହି ବସ୍ତିରେ ବିଭିନ୍ନ ବର୍ଗର ଲୋକ ବସବାସ କରୁଛନ୍ତି। ବିଶେଷକରି ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ଉପରେ ଦୁଇଟି ୱାର୍ଡର ବିଜୟ ପରାଜୟ ନିର୍ଭର କରୁଛି। ତେଲୁଗୁ ପରେ ଅନ୍ୟତମ ବଡ଼ ଭୋଟ୍‌ବ୍ୟାଙ୍କ ହେଲା ବଙ୍ଗଭାଷୀ ଏବଂ ଅବଶିଷ୍ଟ ଓଡ଼ିଆ। ଚଳିତ ନିର୍ବାଚନରେ ସଂରକ୍ଷଣ ଯୋଗୁ ଅନେକ ପ୍ରମୁଖ ଆଶାୟୀ ବାଦ୍ ପଡିଛନ୍ତି। ସେହି ସ୍ଥାନରେ ଆଶାୟୀଙ୍କୁ ଅଦଳ ବଦଳ କରିବା, ପୁରୁଖାଙ୍କୁ ଅଣଦେଖା କରିବା ଯୋଗୁ ବିଦ୍ରୋହୀ ଭୂମିକାରେ ସେମାନେ ରହିଛନ୍ତି, ଯାହାକୁ ନେଇ ତ୍ରିଶଙ୍କୁ ଅବସ୍ଥା ସୃଷ୍ଟି ହୋଇଛି।

୧୭ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା ପାଇଁ ସଂରକ୍ଷଣ ହୋଇଛି। ଏଥର ଏହି ୱାର୍ଡରେ ଭାଜପା ପକ୍ଷରୁ ଚିରସ୍ମିତା ତରାଇ, ବିଜେଡି ପକ୍ଷରୁ ରୁନି ପରିଡା ଓ ସ୍ୱାଧୀନ ଭାବେ(ଆମ ପାରାଦୀପ ଆମ ପ୍ରଗତି) ପକ୍ଷରୁ ଟି. ରାଜେଶ୍ୱରୀ ନିର୍ବାଚନ ଲଢୁଛନ୍ତି। ଉକ୍ତ ୱାର୍ଡର ଭୋଟର ସଂଖ୍ୟା ୧୮୭୨ ଥିବାବେଳେ ସେଥିରୁ ତେଲୁଗୁ ଭୋଟର ୮୫ ପ୍ରତିଶତ। ଅନ୍ୟମାନେ ଓଡ଼ିଆ ବଙ୍ଗଭାଷୀ। ସେହିପରି ୧୮ନଂ. ୱାର୍ଡର ଅବସ୍ଥା। ଅସଂରକ୍ଷିତ ଥିବା ଏହି ୱାର୍ଡରେ ୩ ଜଣ ତେଲୁଗୁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ହେଲେ ଭାଜପାରୁ ଅର୍ଜିଲ ଶିୱା, ବିଜେଡିରୁ କାମ୍ପଲ ରାମବାବୁ ଓ ଆମ ପାରାଦୀପ ଆମ ପ୍ରଗତିର ସ୍ୱାଧୀନ ପ୍ରାର୍ଥୀ ଜଗନ୍ନାଥ ରାଓ କାମ୍ପଲା। ଉକ୍ତ ୱାର୍ଡରେ ୧୭୩୩ ଭୋଟରଙ୍କ ମଧ୍ୟରୁ ତେଲୁଗୁ ୬୦ ପ୍ରତିଶତ ଥିବା ବେଳେ ଅନ୍ୟମାନେ ଓଡ଼ିଆ ଓ ବଙ୍ଗଭାଷୀ। ଜଗନ୍ନାଥ ଉକ୍ତ ୱାର୍ଡରୁ ପୂର୍ବରୁ ୪ଥର କାଉନସିଲର ଭାବେ ଜିତିଛନ୍ତି। ଦୁଇଥର କଂଗ୍ରେସ ଟିକେଟରୁ ଏବଂ ଦୁଇଥର ବିଜେଡି ଟିକେଟରୁ। ଚଳିତଥର ସେ ପ୍ରମୁଖ ଆଶାୟୀ ଥିଲେ। ତାଙ୍କ ଜାଗାରେ ବିଜେଡି ପୂର୍ବଥର ୧୭ନଂ. ୱାର୍ଡ କାଉନସିଲର ଥିବା ରାମବାବୁଙ୍କୁ ଟିକେଟ ଦେଇଛି। ଅନ୍ୟତମ ଦାବିଦାର ହେଲେ ଭାଜପାର ଶିୱା। ସେ ମଧ୍ୟ ଗତଥର ନିର୍ବାଚନ ଲଢିଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏମିତି ଦେଖିବାକୁ ଗଲେ ୩ ଜଣ ପ୍ରାର୍ଥୀ ସମ୍ପର୍କରେ ଦାଦା ପୁତୁରା, ମାମୁ ଭଣଜା। ସମସ୍ତଙ୍କର ଦବ୍‌ଦବା ରହିଛି। କଡା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ହାର୍‌ଜିତ ଗତଥର ଭଳି କମ୍ ବ୍ୟବଧାନ ରହିବ ବୋଲି ଜଣେ ଭୋଟର କହିଛନ୍ତି।

୧୯ନଂ. ୱାର୍ଡର ଅସଂରକ୍ଷିତ ଆସନରେ ସେହିଭଳି ଗୋଳମାଳିଆ ସ୍ଥିତି। ୨୨୪୦ ଭୋଟର ଥିବା ଏହି ୱାର୍ଡରେ ଏଥର ୩ ଜଣଯାକ ପ୍ରାର୍ଥୀ ନୂଆମୁହଁ। ବିଜେଡିରୁ ନବ କୁମାର ବେହେରା, ଭାଜପାରୁ ପ୍ରଫୁଲ୍ଲ କୁମାର ପରିଡା ଓ ସ୍ୱାଧୀନ(ଏପିଏପି)ସୁଜିତ ପରିଡା। ସୁଜିତଙ୍କ ସ୍ତ୍ରୀ ଗତଥର କାଉନସିଲର ଥିଲେ। ତାଙ୍କ ବାପା ଅକ୍ଷୟ ପରିଡା ୨ ଥର କାଉନସିଲର ଥିଲେ। ଏଥର ବିଜେଡି ଟିକେଟରୁ ବଞ୍ଚିତ ହେବାରୁ ସେ ବିଦ୍ରୋହୀ ଭୂମିକାରେ ଅଛନ୍ତି। ପ୍ରଫୁଲ୍ଲ ଜଣେ ଆଗଧାଡ଼ିର ମୁରବି ଭାବେ ଜଣାଶୁଣା। ନବ ଶାସକ ବିଜେଡିର ଲୋକପ୍ରିୟ ଚେହେରା। ଉକ୍ତ ୱାର୍ଡର ସୀମା ୧୭, ୧୮ ୱାର୍ଡ ଭିତରେ ରହିଛି। ଏମିତି ସ୍ଥିତିରେ ଏବେ ତ୍ରିମୁଖୀ ଲଢ଼େଇ ହେଉଛି।



ପାରାଦୀପ ପୌରାଞ୍ଚଳର ଷଣ୍ଢକୁଦ ବସ୍ତିରେ ପାରମ୍ପରିକ ଆଦିବାସୀ ନୃତ୍ୟ ମାଧ୍ୟମରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚାଲିଛି।